୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Voö.26 . No.278 Bhubaneswar Saturday December 21 2024 | ୨୬ତମ ବର୍ଷ ସଂଖ୍ୟା–୨୭୮ ଭୁବନେଶ୍ୱର, ଶନିବାର, ଡିସେମ୍ବର ୨୧, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

# ଚାଷୀଙ୍କ ଜନ୍ମକୁଣ୍ଡଳୀ ରଖିବେ ସରକାର

## ନୂଆବର୍ଷରୁ ପଞ୍ଜିକରଣ ଆରମ୍ଭ, ମିଳିବ ୟୁନିକ୍ ନମ୍ବର ଓ ଡିଜିଟାଲ ଚାଷୀ କାର୍ଡ



ଭୁବନେଶ୍ୱର,୨୦।୧୨(ପି.ଏନ): ରାଜ୍ୟର ସମସ୍ତ ଚାଷୀଙ୍କ କୁଣ୍ଡଳୀ (ବ୍ୟକ୍ତିଗତ ତଥ୍ୟ) ସରକାରଙ୍କ ପାଖରେ ରହିବ। ଏଥିପାଇଁ ସରକାରୀ ପ୍ରକ୍ରିୟା ଆରମ୍ଭ ହୋଇଛି । ରାଜ୍ୟ ସରକାର ସମସ୍ତ ଜିଲ୍ଲାପାଳଙ୍କୁ ଏହି ଫାର୍ମର ରେଜିଷ୍ଟ୍ରି(ଚାଷୀ ପଞ୍ଜିକା) ପ୍ରସ୍ତୁତ ନିମନ୍ତେ ଜାନୁୟାରୀ ପହିଲାରୁ ପ୍ରତି ପଂଚାୟତରେ କ୍ୟାମ୍ପ(ଶିବିର) ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ପ୍ରତ୍ୟେକ ଚାଷୀଙ୍କୁ ୧୪ଟିକିଆ ନମ୍ବର ବିଶିଷ୍ଟ ସ୍ୱତନ୍ତ୍ର ଆଇଡି ନମ୍ବର ଓ କାର୍ଡ ମିଳିବ । ଯାହାମାଧ୍ୟମରେ ଚାଷୀଙ୍କ ଚିହ୍ନଟ ହେବା ସହ ତାଙ୍କୁ ସିଧାସଳଖ ସରକାରଙ୍କ ସବୁ ସୁବିଧା ଓ ଯୋଜନାର ଲାଭ ମିଳିପାରିବ । ଚାଷୀ ସହାୟତାର ବାଟମାରଣାରେ ପୂର୍ଣ୍ଣଚ୍ଛେଦ ପକାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପିଏମକିଷାନ, ପ୍ରଧାନମନ୍ତ୍ରୀ ଫସଲବୀମା, ସିଏମ–କିଷାନ, ଫସଲ ଋଣ,ଅନ୍ୟାନ୍ୟ ସମସ୍ତ କୃଷି ସବସିଡିକୁ ପାରଦର୍ଶିତାର ସହ ପ୍ରଦାନ ନିମନ୍ତେ ଏହି ଡିଜିଟାଲ ଡାଟାବେସ୍ ପ୍ରସ୍ତୁତ ହେଉଥିବା ଜଣାପଡିଛି ।ରାଜ୍ୟରେ ମୋହନ ମାଝୀ ସରକାର ପ୍ରକୃତ ଚାଷୀ ଚିହ୍ନଟ ସହ ସରକାରୀ ପାଣ୍ଠିର ଅନିୟମିତତାକୁ ରୋକିବା ପାଇଁ ରାଜ୍ୟରେ ଫାର୍ମର ରେଜିଷ୍ଟ୍ରି ଡାଟାବେସ୍ ପ୍ରସ୍ତୁତ ନିମନ୍ତେ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟ କୃଷି ନିର୍ଦ୍ଦେଶକ ଗତ ସପ୍ତାହରେ ସମସ୍ତ ଜିଲ୍ଲାପାଳଙ୍କୁ ଏହି ଡାଟାବେସ୍ ପ୍ରସ୍ତୁତ ନିମନ୍ତେ ଆକ୍ସନ ପ୍ଲାନ୍ ଓ ଏସଓପି ଜାରି କରିଛନ୍ତି । ଏହି ଡାଟାବେସ୍ ପ୍ରସ୍ତୁତ ମାଧ୍ୟମରେ ଚାଷୀଙ୍କୁ ୟୁନିକ୍ ଆଇଡି ଜାରି କରି ସେମାନଙ୍କୁ ସିଧାସଳଖ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷି ଯୋଜନାର ଲାଭ ଦେବାକୁ ଲକ୍ଷ୍ୟ ରଖିଛନ୍ତି । କେବଳ ସେତିକି ନୁହେଁ କେଉଁ ଚାଷୀ କେତେ ଚାଷଜମିର ମାଲିକ, ସେଥିରୁ କେତେ ଜଳସେଚିତ ଓ କେତେ ଅଣଜଳସେଚିତ, ତା'ର ତଥ୍ୟ ମଧ୍ୟ ସରକାର ଜାଣିପାରିବେ ।ଫାର୍ମର ରେଜିଷ୍ଟ୍ରି କାର୍ଯ୍ୟାନ୍ୱୟନର ଏହି ପ୍ରକ୍ରିୟା ରାଜ୍ୟର ସମସ୍ତ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ଜାନୁୟାରୀ ୧ରୁ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରଥମ ପର୍ଯ୍ୟାୟରେ ସବୁ ପଂଚାୟତରେ ଏକ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯିବ । ଯେଉଁ ଶିବିରରେ ୨ଜଣ ଲେଖାଏଁ ଗ୍ରାମ୍ୟ କୃଷି ସେବକ, ଜଣେ ରାଜସ୍ୱ ନିରୀକ୍ଷକ ଉପସ୍ଥିତ ରହିବେ । ଚାଷୀଙ୍କୁ ଶିବିର ପର୍ଯ୍ୟନ୍ତ ଆଣିବା ପାଇଁ ସ୍ଥାନୀୟ କୃଷକ ସାଥୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ପ୍ରତ୍ୟେକ ଶିବିରର ତଦାରଖ ଦାୟିତ୍ୱରେ କୃଷି ଓଭରସିୟର,ବ୍ଲକ କୃଷି ଅଧିକାରୀ, ଅତିରିକ୍ତ ତହସିଲଦାର କିମ୍ବା ତହସିଲଦାରଙ୍କ ମଧ୍ୟରୁ ଜଣେ ରହିବେ । ଚାଷୀମାନେ ନିଜର ଆଧାର କାର୍ଡ, ମୋବାଇଲ ଫୋନ୍ ?(ଆଧାର ଲିଙ୍କ ଥିବା) , ଜମି ପଟ୍ଟା(ଭୂଲେଖରେ ଥିବା ରେକର୍ଡ) ଅବା ଖରିଦ୍ଦି ଦଲିଲ ଧରି ଶିବିରକୁ ଆସିବେ । ପ୍ରଥମ ପର୍ଯ୍ୟାୟରେ ଆୟୋଜିତ ଏହି ଶିବିରରେ ପିଏମକିଷାନ, ପ୍ରଧାନମନ୍ତ୍ରୀ ଫସଲବୀମା, କୃଷକ ଓଡିଶାର ହିତାଧିକାରୀଙ୍କ ପଞ୍ଜିକରଣ ଶେଷ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରତ୍ୟେକ ଚାଷୀଙ୍କ ପଞ୍ଜିକରଣ ପାଇଁ କୃଷକ ସାଥୀମାନଙ୍କୁ ୬ଟଙ୍କା, ଗ୍ରାମ୍ୟ କୃଷିସେବକ ଓ ରାଜସ୍ୱ ନିରୀକ୍ଷକଙ୍କୁ ୨ଟଙ୍କା ଲେଖାଏଁ ପାରିଶ୍ରମିକ ମିଳିବ ।

# ମହିଳା ମନ୍ତ୍ରୀଙ୍କୁ ଦୁର୍ବ୍ୟବହାର ମାମଲା: ବିଜେପି ଏମଏଲସି ସି.ଟି ରବିଙ୍କୁ ଅନ୍ତରୀଣ ଜାମିନ



ଭୁବନେଶ୍ୱର,୨୦।୧୨(ପି.ଏନ): କର୍ଣ୍ଣାଟକର ବିଜେପି ଏମଏଲସି ସିଟି ରବିଙ୍କୁ ମିଳିଛି ଅନ୍ତରୀଣ ଜାମିନ। କର୍ଣ୍ଣାଟକ ମନ୍ତ୍ରୀ ଲକ୍ଷ୍ମୀ ହେବ୍ବଲକରଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ସିଟି ରବିଙ୍କୁ ଗିରଫ କରାଯାଇଥିଲା। ଲକ୍ଷ୍ମୀ ହେବ୍ବଲକରଙ୍କୁ ନେଇ ସେ ଦେଇଥିବା ଆପତ୍ତିଜନକ ଟିପ୍ପଣୀ ପରେ ତାଙ୍କୁ ମନ୍ତ୍ରୀଙ୍କ ସମର୍ଥକମାନେ ଆକ୍ରମଣ କରିଥିବା ମଧ୍ୟ ଅଭିଯୋଗ ହୋଇଥିଲା। ତେବେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିବାରୁ କୌଣସି ସମ୍ଭାବ୍ୟ ବିପଦକୁ ଏଡାଇବା ପାଇଁ ସିଟି ସ୍କାନ କରିବାର ଆବଶ୍ୟକତା ଥିବା ଜଣେ ଡାକ୍ତର କହିଥିଲେ। ଯେଉଁଥିପାଇଁ ତାଙ୍କୁ ତତ୍କାଳ ଜାମିନ ମଂଜୁର କରାଯାଇଥିବା ହାଇକୋର୍ଟ କହିଛନ୍ତି ।ଜାମିନ ଆବେଦନର ଶୁଣାଣି ବେଳେ ଉଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ବିଧାନ ପରିଷଦ ସଭାପତି ମଧ୍ୟ ରବିଙ୍କ ଦ୍ୱାରା ସେଭଳି କିଛି ଆପତ୍ତିଜନକ ଟିପ୍ପଣୀ କରାଯାଇନଥିବା କହିଛନ୍ତି ବୋଲି ଆବେଦନକାରୀ ଦାବି କରିଛନ୍ତି। ଯଦି ସେ ଏପରି କରିଥାଆନ୍ତି, ତେବେ ଏହା ଦୁର୍ଭାଗ୍ୟପୂର୍ଣ୍ଣ। ହେଲେ ପୁଲିସ ଆବେଦନକାରୀଙ୍କୁ ଏଭଳି ବ୍ୟବହାର କରି କୋର୍ଟରେ ହାଜର କରାଇବା ଉଚିତ ନୁହେଁ। ଆବେଦନକାରୀ ବିରୋଧୀ ଦଳର ଏମଏଲସି ଅଛନ୍ତି। ସେ ଜଣେ ଜନପ୍ରତିନିଧି ହୋଇଥିବାରୁ ତାଙ୍କର ଫେରାର ହୋଇଯିବାର ବି କୌଣସି ସମ୍ଭାବନା ନାହିଁ। ତେଣୁ ଏଭଳି ସ୍ଥିତିରେ ପୁଲିସକୁ ଉଚିତ ପ୍ରକ୍ରିୟା ପାଳନ କରିବାର ଆବଶ୍ୟକତା ଥିଲା।

# ଡିସେମ୍ବର ୨୩ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୨୦।୧୨(ପି.ଏନ): ଡିସେମ୍ବର ୨୩ ତାରିଖ ବା ଆସନ୍ତା ସୋମବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ସରକାରୀ କାର୍ଯ୍ୟ ଥିବାରୁ ଏହି ଦିନରେ ଭୁବନେଶ୍ୱର, ୟୁନିଟ–୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନ ଶୁଣାଣି ବନ୍ଦ ରହିବ । ଅଭିଯୋଗ ଶୁଣାଣିର ପରବର୍ତ୍ତୀ ତାରିଖ ସମ୍ବାଦପତ୍ର ଜରିଆରେ ଜଣାଇ ଦିଆଯିବ । ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ଏନେଇ ସୂଚନା ଜାରି କରାଯାଇଛି । ସୂଚନାଯୋଗ୍ୟ ଯେ, ଏହା ପୂର୍ବରୁ ଗତ ୧୬ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା । ଅକ୍ଟୋବର ମାସ ୨୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ଯେଉଁମାନେ ପୂର୍ବରୁ ପଞ୍ଜିକରଣ କରିଥିଲେ, କେବଳ ସେମାନଙ୍କ ପାଇଁ ଉକ୍ତ ଶୁଣାଣି ଉଦ୍ଦିଷ୍ଟ ଥିଲା । ୨୮ ତାରିଖ ପାଇଁ ପୂର୍ବରୁ ପଞ୍ଜିକରଣ କରିଥିବା ଆବେଦନକାରୀମାନେ ସେମାନଙ୍କର ପ୍ରାପ୍ତି ସ୍ୱୀକାର ପତ୍ର ଓ ବ୍ୟକ୍ତିଗତ ପରିଚୟ ପତ୍ର ସହିତ ନିର୍ଦ୍ଧାରିତ ସ୍ଥାନରେ, ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବାକୁ କୁହାଯାଇଥିଲା । ତା' ପୂର୍ବରୁ ନଭେମ୍ବର ୧୮ ଓ ୨୫ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିଥିଲା । ତା' ପୂର୍ବରୁ ନଭେମ୍ବର ୪ ଓ ୧୧ରେ ମଧ୍ୟ ଅଭିଯୋଗ ଶୁଣାଣି ବନ୍ଦ ରହିଥିଲା।

## ଲାଗି ରହିଛି ବର୍ଷା, ୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୨୦।୧୨(ପି.ଏନ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଆସନ୍ତା ୧୨ ଘଣ୍ଟାରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଅବପାତରେ ପରିଣତ ହେବା ପରେ ଏହା ଉତ୍ତର–ଉତ୍ତରପୂର୍ବ ଦିଗକୁ ଗତି କରିବ ଏବଂ ତା'ପରବର୍ତ୍ତୀ ୨୪ ଘଣ୍ଟା ଯାଏ ସେହି ଅବପାତ ହୋଇ ରହିବ। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ବର୍ଷା ଲାଗି ରହିଥିବା ବେଳେ ଆସନ୍ତାକାଲି ମଧ୍ୟ ବର୍ଷା ହେବାର ସମ୍ଭାବନା ଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଆସନ୍ତାକାଲି ସକାଳ ସାଢେ ୮ଟା ପର୍ଯ୍ୟନ୍ତ ଉପକୂଳ ଓଡିଶାର ବିଭିନ୍ନ ଜିଲ୍ଲାର ଅନେକ ସ୍ଥାନରେ ଓ ଆଭ୍ୟନ୍ତରୀଣ ଓଡିଶାର କିଛି ସ୍ଥାନରେ ହାଲକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ଗଞ୍ଜାମ, ଗଜପତି, କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ୪ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।ଆସନ୍ତାକାଲି ବା ୨୧ ତାରିଖ ସକାଳ ସାଢେ ୮ଟାରୁ ୨୨ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଉପକୂଳ ଓଡିଶାର ଜିଲ୍ଲାଗୁଡିକର ଗୋଟିଏ କିମ୍ବା ଦୁଇଟି ସ୍ଥାନ ସହିତ ମୟୂରଭଞ୍ଜ, କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ହାଲ୍କା ବର୍ଷା ହେବାର ସମ୍ଭାବନା ରହିଛି।

# ଶୀତ ଅଧିବେଶନ ଶେଷ: ହଟ୍ଟଗୋଳ ଯୋଗୁ ଲୋକସଭାର ୬୫ ଘଣ୍ଟା ନଷ୍ଟ

ଭୁବନେଶ୍ୱର,୨୦।୧୨(ପି.ଏନ): ସରିଛି ସଂସଦର ଶୀତ ଅଧିବେଶନ। ଆଜି ଲୋକସଭା ଓ ରାଜ୍ୟସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ତେବେ ଶୀତ ଅଧିବେଶନରେ ଲୋକସଭାର ପରିବେଶ ବେଶ ଗରମ ରହିଥିଲା। ସ୍ଥିତି ଏପରି ହୋଇଥିଲା ଯେ ଗୃହ କାର୍ଯ୍ୟ ମଧ୍ୟ ଠିକ ଭାବେ ହୋଇପାରିନାହିଁ ।ଶୀତ ଅଧିବେଶନର ତୃତୀୟ ପର୍ଯ୍ୟାୟରେ ମୁଲତବୀ ଓ ହଟ୍ଟଗୋଳ ଯୋଗୁ ଲୋକସଭାର ୬୫ ଘଣ୍ଟା ନଷ୍ଟ ହୋଇଛି। ସେହିପରି ୩ଟି ଯାକ ଅଧିବେଶନରେ ଲୋକସଭା ୭୧ ଘଣ୍ଟାରୁ ଅଧିକ ସମୟ କୌଣସି କାମ କରିନାହିଁ। ଶୀତ ଅଧିବେଶନର ତୃତୀୟ ପର୍ଯ୍ୟାୟ ନଭେମ୍ବର ୨୫ରେ ଆରମ୍ଭ ହୋଇଥିବା ବେଳେ ଆଜି ଶେଷ ହୋଇଛି ।ଡିସେମ୍ବର ୧୯ରେ ସଂସଦ ପରିସରରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଏହାକୁ ନେଇ ଆଜି ଉଭୟ ପକ୍ଷ ବିକ୍ଷୋଭ ପ୍ରଦର୍ଶନ କରିବାରୁ ଲୋକସଭାକୁ ଅନିର୍ଦ୍ଦିଷ୍ଟ କାଳ ଯାଏ ମୁଲତବୀ ଘୋଷଣା କରାଯାଇଛି।



# ବିଚ୍ ରାସ୍ତାରେ ଜଳିଗଲା କାର୍, ଚାଳକ ଜୀବନ୍ତ ଦଗ୍ଧ

ଭୁବନେଶ୍ୱର,୨୦।୧୨(ପି.ଏନ): ଚଳନ୍ତା ଗାଡିରେ ଲାଗିଲା ନିଆଁ। ବିଚ୍ ରାସ୍ତାରେ ଜଳିଲା କାର। ନିଆଁରେ ପୋଡି ହୋଇ ପ୍ରାଣ ହରାଇଛନ୍ତି କାର୍ ? ଚାଳକ। ଗୁଜରାଟର ସୁରଟରେ ଏପରି ଘଟଣା ଘଟିଛି। ଆଜି ଅପରାହ୍ନରେ ଦୀପକ ପଟେଲ ନାମକ ଜଣେ ବ୍ୟକ୍ତି କାରରେ ନିଆଁ ଲାଗିଯିବାରୁ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି ।ଦୀପକ ଜଣେ ସୂତା ବ୍ୟବସାୟୀ। ତାଙ୍କ ଘର ସୁଟରର ଅଭବା ଗାଁରେ। ଆଜି ଅପରାହ୍ନରେ ସେ ନିଜ ଗାଡି ନେଇ ଉଧାନା ମଗଡାଲ୍ଲା ରୋଡରେ ଯାଉଥିଲେ। ହେଲେ ହଠାତ୍ ? ଗାଡିରେ ନିଆଁ ଲାଗି ଯାଇଥିଲା। ସେ ନିଆଁ ସମ୍ପର୍କରେ ଜାଣି ଗାଡି ରଖିବା ପୂର୍ବରୁ ଏହା ବ୍ୟାପି ସାରିଥିଲା। ଫଳରେ ସେ ବାହାରକୁ ବାହାରି ପାରି ନଥିଲେ।





# ବୈକୁଣ୍ଠ ଆଶ୍ରମ ବେଆଇନ ନିର୍ମାଣ ପ୍ରସଙ୍ଗରେ ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ ବଳବତ୍ତର

ଭୁବନେଶ୍ୱର,୨୦।୧୨(ବୈକୁଣ୍ଠ ଧାମ ଆଶ୍ରମର ବେଆଇନ ନିର୍ମାଣ ଭଙ୍ଗାଯିବା ପ୍ରସଙ୍ଗରେ ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ ବଳବତ୍ତର ରହିଛି। ଭୁବନେଶ୍ୱର ଘାଟିକିଆ ମୌଜାର ଖାତା ନଂ ୨୩୩୩ର ପ୍ଲଟ ନଂ ୧୨୧୫ ଉପରେ ଥିବା ବୈକୁଣ୍ଠ ଧାମ ଆଶ୍ରମର ନିର୍ମାଣ ଉପରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ ଗତ ମାସ ୨୧ ତାରିଖରେ ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଜାରି କରିଥିଲେ।



# ରାଜ୍ୟରେ ଉତ୍କଟ ଆଳୁ ସଙ୍କଟ, ପଶ୍ଚିମବଙ୍ଗ ଆଳୁ ଟ୍ରକ ପିଛା ନେଉଛି ମନଇଚ୍ଛା ଦର

ଭୁବନେଶ୍ୱର,୨୦।୧୨(ପି.ଏନ): ରାଜ୍ୟରେ ପୁଣିଥରେ ଉତ୍କଟ ହେଲା ଆଳୁ ସଙ୍କଟ । ପଶ୍ଚିମବଙ୍ଗରୁ ଓଡିଶାକୁ ଚୋରା ବାଟରେ ଆସୁଥିବା ଆଳୁ ବି ଏବେ ବନ୍ଦ । ପଶ୍ଚିମବଙ୍ଗ ବ୍ୟବସାୟୀ ଆଳୁ ଟ୍ରକ ପିଛା ମନଇଚ୍ଛା ଦର ନେବାରୁ ଓଡ଼ିଶାର ବ୍ୟବସାୟୀ ପଶ୍ଚିମବଙ୍ଗରୁ ଆଳୁ ନ ଆଣିବାକୁ କଠୋର ନିଷ୍ପତ୍ତି ନେଇଛନ୍ତି । ପଶ୍ଚିମବଙ୍ଗ ପାଇଁ ଆଳୁ ଦର କୁଇଣ୍ଟାଲ ପିଛା ୨୮୦୦ ଟଙ୍କା ଫିକ୍ସ କରାଯାଇଛି । କିନ୍ତୁ ପଶ୍ଚିମବଙ୍ଗ ବ୍ୟବସାୟୀ ତିନି ହଜାର ଟଙ୍କା ରେଟ ରଖିଛନ୍ତି । ଯାହାକି ଓଡିଶା ବ୍ୟବସାୟୀ ମହାସଂଘ ଗ୍ରହଣ କରିନାହିଁ । ପଶ୍ଚିମବଙ୍ଗରୁ ଚୋରା ବାଟରେ ଆଳୁ ଯେଉଁମାନେ ଆଣୁଛନ୍ତି ଅନେକ ମିଛ କହୁଛନ୍ତି। ଯାହାଦ୍ୱାରା ଖାଉଟିଙ୍କ ଉପରେ ଆର୍ଥିକ ବୋଝ ପଡୁଛି। ଏହାକୁ ଆଖି ଆଗରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଥିବା ସୂଚନା ଦେଲେ ବ୍ୟବସାୟୀ ମହାସଂଘ ମହାସଚିବ ସୁଧାକର ପଣ୍ଡା । ବର୍ତ୍ତମାନ ସରକାରଙ୍କ ପକ୍ଷରୁ କୌଣସି ସହଯୋଗ ଆଶା କରାଯାଉ ନାହିଁ ବୋଲି କହି ସରକାରଙ୍କ ଉପରେ ବର୍ଷିଛି ବ୍ୟବସାୟୀ ମହାସଂଘ। ଭୋଟ ସମୟ ଆସିଲେ ଗ୍ରାହକ ମାନେ ଏହାର ଉତ୍ତର ଦେବେ। ଆଳୁର ପାଇକାରୀ ଦର ୨୨୦୦ ରୁ ୨୮୦୦ ରହୁଛି ।ତେଣୁ ଆଳୁ ଦର ବଜାରରେ ୪୦ କିମ୍ବା ୫୦ ଟଙ୍କା ହେବା କଥା ନୁହେଁ । ବ୍ୟବସାୟୀଙ୍କ ମଧ୍ୟରେ ଗୋଟିଏ ଅସୁସ୍ଥ ପ୍ରତିଯୋଗିତା ଚାଲିଛି । ସରକାରଙ୍କ ପାଖରେ ଏହାକୁ ନିୟନ୍ତ୍ରଣ କରିବାକୁ ପଲିସି ନାହିଁ। ସରକାର ଆଳୁର ଗୋଟିଏ ଦର ଧାର୍ଯ୍ୟ କରନ୍ତୁ ବୋଲି ଦାବି କରିଛି ମହାସଂଘ। ସରକାରଙ୍କୁ ଏକଥା କିଏ ଶିଖାଇବ କି ବୋଲି ପ୍ରଶ୍ନ କଲା ବ୍ୟବସାୟୀ ମହାସଂଘ । ସେଥିପାଇଁ ହିଁ ପଶ୍ଚିମବଙ୍ଗରୁ ଆଳୁ ଆଣିବା ଉପରେ ସର୍ତ୍ତ ରଖାଗଲା ବୋଲି କୁହାଯାଇଛି । ଏହି ସମୟରେ ରାଜ୍ୟର ବ୍ୟବସାୟୀ ମାନେ ୟୁପି ସହ ଆଳୁକୁ ନେଇ କଲେ ଚୁକ୍ତି । ଆଳୁ ସପ୍ଲାଏ ଚେନକୁ ବ୍ୟାହତ କରାଯିବ ନାହିଁ ବୋଲି ୟୁପି ପ୍ରତିଶ୍ରୁତି ଦେଇଛି। ୟୁପିରୁ ଆଳୁ ଆସିଲେ ରାସ୍ତା ଖର୍ଚ୍ଚ ଅଧିକ ପଡୁଛି। ୧୦ ରୁ ୨୦ ଜଣ ବ୍ୟବସାୟୀ ମିଶି ଟ୍ରେନରେ ଆଳୁ ଆଣିବାକୁ ଯୋଜନା ରଖିଛନ୍ତି । ୮୪ ପ୍ରକାର ଆଳୁ ୟୁପିରେ ଉପଲବ୍ଧ । ଆସାମକୁ ଆଳୁ ଟ୍ରେନରେ ଯାଉଛି । କେନ୍ଦ୍ର ସରକାର ଓ ରେଳମନ୍ତ୍ରୀଙ୍କ ସହ ଆଲୋଚନା କରି ଏଭଳି ନିଷ୍ପତ୍ତି ନିଆଯାଇପାରେ । ୟୁପିର ବ୍ୟବସାୟୀ, ଚାଷୀ, ଶୀତଳ ଭଣ୍ଡାର ମାଲିକଙ୍କ ସମେତ ଉଦ୍ୟାନକୃଷି ବିଭାଗର ଅଧିକାରୀଙ୍କ ସହ ଆଲୋଚନା ହୋଇଛି। ଗୋଟିଏ ବୁଝାମଣା ହୋଇଛି ୟୁପି ସହିତ । ଏଭଳି ନିଷ୍ପତ୍ତି ନେଇଥିବାରୁ ଖାଉଟିଙ୍କ ସହଯୋଗ ଲୋଡିଲା ବ୍ୟବସାୟୀ ମହାସଂଘ । ୟୁପି ଆଳୁ ଖରାପ ବୋଲି ଓଡ଼ିଶାରେ ମାନସିକତା ରହିଛି ।

# କୋରାପୁଟ ଜିଲ୍ଲାରେ ପ୍ରହସନ ପାଲଟିଛି ଧାନମଣ୍ଡି, ମନ୍ତ୍ରୀଙ୍କ ଉଦଘାଟନର ୧୦ ଦିନ ହେଲା ଚାଷୀ ବିକ୍ରି କରିବାରେ ଅସମର୍ଥ



ଭୁବନେଶ୍ୱର,୨୦।୧୨(ପି.ଏନ): ପ୍ରହସନ ପାଲଟିଛି କୋରାପୁଟ ଜିଲ୍ଲାରେ ଧାନ ମଣ୍ଡି । ଜିଲ୍ଲାରେ ଗତ ୧୧ ତାରିଖରେ ମଣ୍ଡି ଖୋଲି ଉଦଘାଟନ କରାଯାଇଥିଲା । ହେଲେ ଏହାରି ଭିତରେ ୧୦ ଦିନ ବିତିଯାଇଥିଲେ ସୁଦ୍ଧା ଆରମ୍ଭ ହୋଇପାରୁନି ଧାନ କିଣା । ଯୋଗାଣ ମନ୍ତ୍ରୀ କୋରାପୁଟ ଜିଲ୍ଲା ଗସ୍ତ କରି ବିଭିନ୍ନ ମଣ୍ଡି ବୁଲି ଦେଖିବା ପରେ ମଣ୍ଡିରେ ଧାନ ବିକ୍ରି କରି ନପାରି ଅସନ୍ତୋଷ ପ୍ରକାଶ କରିଛନ୍ତି ଚାଷୀ ।କୋରାପୁଟ ଜିଲ୍ଲାରେ ପ୍ରହସନ ପାଲଟିଛି ଧାନମଣ୍ଡି । ୧୦ ଦିନ ପରେ ବି ହୋଇପାରୁନି ଧାନକିଣା । ଧୂଆଁବାଣ ପାଲଟିଛି ଯୋଗାଣ ମନ୍ତ୍ରୀଙ୍କ ପ୍ରତିଶ୍ରୁତି । ଚାଷୀଙ୍କ ମହଲରେ ତେଜୁଛି ଅସନ୍ତୋଷ । କୋରାପୁଟ ଜିଲ୍ଲାରେ ଡିଏଲପିସି ବୈଠକରେ ଗତ ୧୧ ତାରିଖରେ ଧାନ ମଣ୍ଡି ଆରମ୍ଭ ହେବ ବୋଲି ନିଷ୍ପତି ହୋଇଥିଲା । ଆଉ ଗତ ୧୧ ତାରିଖରେ ମଣ୍ଡିର ଶୁଭାରମ୍ଭ ବି କରାଗଲା । କିନ୍ତୁ ଦୀର୍ଘ ୧୦ ଦିନ ବିତି ଯାଇଥିଲେ ସୁଦ୍ଧା ମଣ୍ଡିରେ ଧାନ ବିକ୍ରି କରିପାରୁ ନାହାନ୍ତି ଚାଷୀ । ଧାନ ବିକ୍ରି ପାଇଁ ଟୋକେନ ବାହାରିକି ଏକ ସପ୍ତାହ ହେଲାଣି । ବିଭିନ୍ନ ସ୍ଥାନରେ ମଣ୍ଡି ଖୋଲା ଯାଇନଥିବାରୁ ଧାନ ବିକ୍ରି କରିପାରୁ ନଥିବା ଚାଷୀ ଅଭିଯୋଗ କରିଛନ୍ତି । ଚାଷୀମାନେ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିବା ସହ ଜିଲ୍ଲା ଯୋଗାଣ ବିଭାଗ କାର୍ଯ୍ୟାଳୟ ଘେରାଉ କରିଥିଲେ । ଏହା ସତ୍ତ୍ୱେବି କୌଣସି ସୁଫଳ ମିଳି ନଥିବା ଚାଷୀ ଅଭିଯୋଗ କରିଛନ୍ତି । ଧାନକିଣା ନେଇ ଯୋଗାଣ ବିଭାଗ ପକ୍ଷରୁ ମଧ୍ୟ ସ୍ପଷ୍ଟ ଉତ୍ତର ମିଳିପାରୁ ନାହିଁ । ଖୁବଶୀଘ୍ର ଧାନକିଣା ଆରମ୍ଭ ହେବ ବୋଲି କହି କଥାକୁ ଟାଳି ଦେଉଛନ୍ତି । ସେପଟେ ଗତ ୧୭ ତାରିଖରେ ଯୋଗାଣ ମନ୍ତ୍ରୀଙ୍କ କୋରାପୁଟ ଗସ୍ତ ସମୟରେ ବିଭିନ୍ନ ମଣ୍ଡି ବୁଲି ସ୍ଥିତି ପରଖିଥିଲେ । ମନ୍ତ୍ରୀ ଶୁଭାରମ୍ଭ କରିଥିବା ମଣ୍ଡିରୁ ମାତ୍ର ୪ ଜଣ ଚାଷୀଙ୍କ ୩୫୫ କ୍ୱିଣ୍ଟାଲ ଧାନ କିଣା ଯାଇଥିଲା । ଏହାପରେ ସବୁ ଠପ୍ । ମନ୍ତ୍ରୀଙ୍କ ପ୍ରତିଶ୍ରୁତି ଧୂଆଁବାଣ ପାଲଟିଥିବା ଚାଷୀ ଅଭିଯୋଗ କରିଛନ୍ତି ।ଚଳିତବର୍ଷ ଜିଲ୍ଲାରେ ଧାନଚାଷ ଭଲ ହୋଇଥିବାରୁ ଦୁଇପଇସା ପାଇବା ଆଶା ରଖିଥିଲେ ଚାଷୀ । ହେଲେ ଲଘୁଚାପ ଜନିତ ଅଦିନିଆ ବର୍ଷା ଆରମ୍ଭ ହୋଇଯାଇଥିବାରୁ କିପରି ଫସଲକୁ ସୁରକ୍ଷା ଦେବେ ସେନେଇ ଚିନ୍ତାରେ ସମସ୍ତେ । ଯଦି ଧାନକିଣା ବିଳମ୍ବ ହୁଏ ତେବେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ଭିଜିଲାନ୍ସ ଜାଲରେ ଦୁଇ ଟେକ୍ସଟାଇଲ ଇନ୍ସପେକ୍ଟର



ବୌଦ୍ଧ : ଭିଜିଲାନ୍ସ ଜାଲରେ ଦୁଇ ଟେକ୍ସଟାଇଲ ଇନ୍ସପେକ୍ଟର । ୧୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମାଡ଼ିବସିଲା ବୌଦ୍ଧ ଭିଜିଲାନ୍ସ ଟିମ । ବାଉଁସୁଣି ଥାନା ବୌଦ୍ୟନାଥପୁର ଗଜାନନ ତନ୍ତ ସମବାୟ ସମିତିର ୧୩ ଲକ୍ଷ ୩୧ ହାଜର ଟଙ୍କା ସୁପାରିସ୍ ନିମନ୍ତେ ସଂପାଦକ ପଞ୍ଚାନନ ମେହେରଙ୍କ ଠାରୁ ନେଉଥିଲେ ୧୦ହଜାର ଟଙ୍କା ଲାଞ୍ଚ । ଦୁଇ ଟେକ୍ସଟାଇଲ ଇନ୍ସପେକ୍ଟର ହେଲେ କୃଷ୍ଣଚନ୍ଦ୍ର ସାହୁ ଓ ଆଦିତ କୁମାର ଦାସ । ଦୁଇ ଜଣ ରହୁଥିବା ବୌଦ୍ଧ ସ୍ଥିତ ଭଡା ଘରେ ଜଗାନନ୍ଦ ବିହାର ଓ ରଥସାଇ ଭଡାଘରେ ଚଢ଼ାଉ ଜାରିରହିଛି ଭିଜିଲାନ୍ସ ଟିମ ।

## ନିରଞ୍ଜନଙ୍କ ଘରେ ଇଡି ରେଡ୍, ୧୦ ଘଣ୍ଟା ପରେ ବାହାରିଲେ



ଭୁବନେଶ୍ୱର,୨୦।୧୨(ପି.ଏନ): ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଘରେ ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରେଡ୍ କରିଛି। ପ୍ରାୟ ୧୦ ଘଣ୍ଟା ଧରି ନିରଞ୍ଜନଙ୍କ ଭୁବନେଶ୍ୱର ସ୍ଥିତ ନୟାପଲ୍ଲୀ ବାସଭବନରେ ଖାନତଲାସି କରିଥିଲା ଇଡି ଟିମ୍।








# ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ଚିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ବ୍ଲିନିକ ୱେସାଇଟର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୁର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।




**ଭୁବନେଶ୍ୱର, ୨୦୨୪, ଡିସେମ୍ବର ୨୧**

# ଶୀତ ଦିନରେ କାନ ଯତ୍ନ

ଶିତୁଆ ସକାଳରେ ଟିକେ ବାହାରେ ବୁଲି ଆସିଲେ କାନ, ମୁଣ୍ଡ କେମିତି ଲାଗେ ତାହା ଭଣା ଅଧିକ ସମସ୍ତେ ଜାଣନ୍ତି। ଅବଶ୍ୟ ମଫଲରଟିଏ ପିନ୍ଧି ବାହାରେ ବୁଲିବା ଅନୁଭୂତି ନିଆରା। ସେଥିପାଇଁ ଶୀତଦିନ ଆସିଲେ ସାଧାରଣତଃ କାନ, ଗଳା, ନାସା, ସଂକ୍ରମଣର ଆଶଙ୍କା ଅଧିକ ଥାଏ। ମୋଟ ଉପରେ କହିବାକୁଗଲେ କାନର ଯତ୍ନ ନନେଲେ ଗଳା ଏବଂ ନାସା ସଂକ୍ରମଣରୁ ରକ୍ଷା ମିଳିଥାଏ। ଛୋଟପିଲା ଏବଂ ବୟସାଧିକ ଲୋକେ ଏଥିରେ ଅଧିକ ପ୍ରଭାବିତ ହୋଇଥାନ୍ତି। ତେଣୁ ଆସିଛି ଶୀତ ଦିନରେ କାନର ଯତ୍ନ ମଫଲର ଚର୍ଚ୍ଚା ବିଷୟ। ଆମ୍ଭେମାନେ ସମସ୍ତେ ଥଣ୍ଡାରେ ବାହାରକୁ ଗଲେ ମଫଲର ବ୍ୟବହାର କରିବା ଉଚିତ। ରାତିରେ ଶୋଇବା ବେଳେ ପତଳା ମଫଲର ବ୍ୟବହାର କରନ୍ତୁ ଅଥବା ଦୁଇ କାନରେ ତୁଳା ବିଣ୍ଡା ଦେଇ ଶୁଅନ୍ତୁ। ଖାଲି ପେଟରେ ରୁହନ୍ତୁ ନାହିଁ। ଉପବାସରୁ ନିବୃତ୍ତ ରୁହନ୍ତୁ। ଆଇସ୍‌କ୍ରିମ, ଥଣ୍ଡା ପାନୀୟ, ଫ୍ରିଜ ପାଣି, ବାସି ପଖାଳ, ଖଟା, ଅଣ୍ଡା, ସମୁଦ୍ରମାଛ ଏବଂ ସୁଖୁଆ, କଙ୍କଡ଼ା ଆଦି ନଖାଇବା ଭଲ। ଉଷୁମ ପାଣିରେ ମୁଣ୍ଡ ଧୋଇ ସବୁଦିନ ଠିକ୍ ସମୟରେ ଗାଧାନ୍ତୁ। ସାମ୍ପୋ ବା ସାବୁନ୍‌ରେ ମୁଣ୍ଡ ଧୋଇଲେ ଏକ ଘଣ୍ଟା ବା ତା'ଠାରୁ ଅଧିକ ସମୟ ଆଗରୁ ଏକ ଥଣ୍ଡା ଟାବ୍‌ଲେଟ ଖାଇ ମୁଣ୍ଡ ଧୁଅନ୍ତୁ। ନିଃଶ୍ୱାସ ପ୍ରଶ୍ୱାସ ନାକ ବାଟେ ନେବା ବିଧେୟ। ରାତି ଖାଇବା ପରେ ଦୁଇକପ୍ ନଖ ଉଷୁମ ପାଣିରେ ଦୁଇ ଚିମୁଟା ଲୁଣ ପକାଇ କୁଳି କରି ଶୁଅନ୍ତୁ। ଏହି ପାଣିରୁ ଆଉ ଦୁଇ କପ୍ ନେଇ ଶୋଇବା ଆଗରୁ ଜଳ ନେତି କରିପାରିଲେ ଭଲ। ସମ୍ଭବ ହେଲେ ରାତି ଶୋଇବା ଆଗରୁ ଏକ ଲୋଟାରେ ଫୁଟନ୍ତା ପାଣି ରଖି କ୍ରମାନ୍ୱୟରେ ବାମ ନାକପୁଡା, ଡାହାଣ ନାକ ପୁଡା ଏବଂ



ନାରାୟଣ ଚନ୍ଦ୍ର ବିଶ୍ୱାଳ

ପାଟିବାଟେ ବାମ୍ଫ ଟାଣନ୍ତୁ। ଖାଇବାର ଅଧଘଣ୍ଟା ପୂର୍ବରୁ ଏବଂ ଅଧଘଣ୍ଟା ପରେ ଆବଶ୍ୟକତା ଅନୁଯାୟୀ ଦୁଇ ଗ୍ଲାସ ପର୍ଯ୍ୟନ୍ତ ନଖ ଉଷୁମ ପାଣି ପିଅନ୍ତୁ। ଶୋଇବା ଘରେ ମଶାଧୂପ ନଲଗାଇ ମଶାରୀ ଟାଙ୍ଗି ଶୁଅନ୍ତୁ।

ଏହାଛଡ଼ା କାନ ପାଚୁଥିବା ଅଥବା କାନରେ ଫୋଡ଼ୁ ଥିବା ବ୍ୟକ୍ତିମାନେ ସ୍ୱତନ୍ତ୍ର ଯତ୍ନ ନେବା ଉଚିତ। ସେମାନେ ବାହାରକୁ ଗଲେ, ଗାଧୋଇବା ବେଳେ ଏବଂ ରାତି ଶୋଇବା ବେଳେ କାନରେ ସଫା ତୁଳା ଦେବା ବିଧେୟ। ଦିନେ ଛାଡ଼ି ଦିନେ ସେମାନେ ରେକ୍ଟିଫାଏଡ ସ୍ପିରିଟ୍‌ରେ ତୁଳା କାଠି ଭିଜାଇ ଭଲ କରି ଚିପୁଡ଼ି ବାହାରୁ ବାହାରୁ କାନ ସଫା କରିନେବା ଉଚିତ। ଶ୍ରବଣ ଯନ୍ତ୍ର ଲଗାଉଥିବା ଲୋକମାନେ ପ୍ରତିଦିନ ଉପରୋକ୍ତ ଉପାୟରେ କାନ ସଫା କରି ଯନ୍ତ୍ର ପିନ୍ଧି ପାରିବେ। ଏହା ସତ୍ତ୍ୱେ କାନରୁ ପାଣି ବାହାରିଲେ ବା କାନ ପାଚିଲେ ଶ୍ରବଣ ଯନ୍ତ୍ର ନଲଗାଇ କର୍ଣ୍ଣ, ନାସା, ଗଳା ବିଶେଷଜ୍ଞଙ୍କର ପରାମର୍ଶ ନେଇପାରିବେ।

*ବାକ୍‌ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ',*
*କାଠଗୋଲା ରୋଡ଼,*
*ମଙ୍ଗଳାବାଗ, କଟକ,*
*ଦୂରଭାଷ : ୯୪୩୮୨୭୬୭୬୦*

# ଶ୍ରୀ ଅନୁକୂଳଂ ଶରଣଂ ଗଚ୍ଛାମି

ଆଦର୍ଶ ମାନେ ସହଜ କଥାରେ ଏଭଳି ଜଣେ ଜୀବନ୍ତ ମନୁଷ୍ୟ ଯିଏ ତାଙ୍କର ପ୍ରିୟପରମଙ୍କର ଅକାଟ୍ୟ ପ୍ରୀତି ଓ ଖାତିରରେ ପାରିପାର୍ଶ୍ୱିକର ସେବା ସାହଚର୍ଯ୍ୟ, ସମବେଦନା ସହକାରେ ବଞ୍ଚିବା ଓ ବଢ଼ି ଉଠିବାକୁ ଉଦ୍ଦୀପ୍ତ କରନ୍ତି, ଏକ ସହଜ ଉନ୍ମାଦନା ଓ ଦୁଃଖ କଷ୍ଟକୁ ଭ୍ରୂକ୍ଷେପ ନକରି ତାଙ୍କର ପ୍ରିୟଙ୍କୁ ପ୍ରତିଷ୍ଠା କରନ୍ତି, ଆଉ ତାଙ୍କ ଭିତର ଦେଇ ମନୁଷ୍ୟ ତାର ଜୀବନ ଓ ବୃଦ୍ଧିର ପଥ ପାଏ ଓ ସେ ପଥକୁ ସହଜ ଓ ଅତୁଟ ଭାବରେ ଆଲିଙ୍ଗନ କରେ । ଆଦର୍ଶମାନେ କୌଣସି ଅମୂର୍ତ୍ତ ଭାବ ନୁହେଁ । ଆଉ ଯିଏ ଆଦର୍ଶ ବା ଗୁରୁ ହେବେ ତାଙ୍କର ମଧ୍ୟ ଗୁରୁ ଥିବା ଆବଶ୍ୟକ । ନିଷ୍ଠାର ସହିତ ଗୁରୁଙ୍କୁ ଅନୁସରଣ କରିବାର ଭିତର ଦେଇ ମନୁଷ୍ୟର ବୃତ୍ତି ପ୍ରବୃତ୍ତିଗୁଡ଼ିକ ସୁନିୟନ୍ତ୍ରିତ ହୁଏ ଓ ତା ଭିତରେ ଅଖଣ୍ଡ ବ୍ୟକ୍ତିତ୍ୱର ପ୍ରତିଷ୍ଠା ହୁଏ । ଆଉ ଏହା ଯାହାର ହୋଇନାହିଁ ସେ କେବେ ଆଦର୍ଶ ବା ଗୁରୁପଦବାଚ୍ୟ ହେବେ ନାହିଁ । ବିକେନ୍ଦ୍ରିକ ଯିଏ, ସେ ଯେତେ ଗୁଣ ସମ୍ପନ୍ନ ହୁଅନ୍ତୁ ନା କାହିଁକି, ସେ କୌଣସି ସମୟରେ ଅନୁସରଣୀୟ ନୁହଁନ୍ତି । ଆଦର୍ଶ ହୁଅନ୍ତି ବୈଶିଷ୍ଟ୍ୟପାଳୀ ଓ ଆପୂରୟମାଣ । ପ୍ରତ୍ୟେକଙ୍କର ସହଜାତ ବୈଶିଷ୍ଟ୍ୟକୁ ସେ ପାଳନ ପୋଷଣ କରନ୍ତି । ପ୍ରତ୍ୟେକଙ୍କର ସ୍ୱଭାବଗତ ସ୍ୱାତନ୍ତ୍ର୍ୟକୁ ସେ ସଂରକ୍ଷଣ କରି ଚଳନ୍ତି । କୌଣସି ବ୍ୟକ୍ତିଙ୍କ ଭାବରେ ସେ ବ୍ୟାଘାତ କରନ୍ତି ନାହିଁ । ପୂର୍ବତନ ଋଷି, ମହାପୁରୁଷ, ପ୍ରେରିତ ବା ଅବତାର ପୁରୁଷଙ୍କ ସହିତ ତାଙ୍କର କୌଣସି ବିରୋଧ ନାହିଁ ବରଂ ସେ ସମସ୍ତଙ୍କୁ ପରିପୂରଣ କରନ୍ତି । ସେ କେବେ ଏକାଦେଶଦର୍ଶୀ ହୁଅନ୍ତି ନାହିଁ । ବ୍ୟଷ୍ଟିଗତ ଓ ସମଷ୍ଟିଗତ ଜୀବନର ସର୍ବାଙ୍ଗୀନ ଓ ସାମଗ୍ରିକ ପରିପୂରଣ ଓ ଉନ୍ନୟନ ହିଁ ତାଙ୍କର ଲକ୍ଷ୍ୟ । ସେ କେବେ ଗଣ୍ଡୀସ୍ୱାର୍ଥୀ ହୁଅନ୍ତି ନାହିଁ । ସେ ସମସ୍ତଙ୍କର ସ୍ୱାର୍ଥରେ ସ୍ୱାର୍ଥାନ୍ୱିତ, ତେଣୁ ସମସ୍ତଙ୍କର ମିଳନ ତୀର୍ଥ । ପ୍ରତ୍ୟେକଙ୍କର କଲ୍ୟାଣ ହିଁ ତାଙ୍କର ଆତ୍ମ କଲ୍ୟାଣ । କୌଣସି ପ୍ରକାର ସାମ୍ପ୍ରଦାୟିକ ଭେଦବୁଦ୍ଧି ତାଙ୍କ ପାଖରେ ସ୍ଥାନ ପାଏ ନାହିଁ, ବରଂ ବିଭିନ୍ନ ସମ୍ପ୍ରଦାୟ ଓ ଦଳର ଲୋକ ଗୁରୁଙ୍କର ପ୍ରଭାବରେ ଐକ୍ୟବଦ୍ଧ ହେବାର ପ୍ରେରଣା ପାଆନ୍ତି । ତାଙ୍କ ପାଖକୁ ଗଲେ ପୂର୍ବତନ ଋଷି ମହାପୁରୁଷଙ୍କ ପ୍ରତି ମନୁଷ୍ୟର ଶ୍ରଦ୍ଧା ସଞ୍ଜୀବିତ ହୁଏ । ପ୍ରତ୍ୟେକଙ୍କର ଧର୍ମନିଷ୍ଠା ଆବେଗପ୍ରବୃଦ୍ଧ ହୁଏ । ଧର୍ମାନ୍ତରୀକରଣକୁ ସେ ସ୍ଥାନ ଦିଅନ୍ତି ନାହିଁ ।



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ବରଂ ବୈଶିଷ୍ଟ୍ୟସ୍ଫୁରଣୀ, ଆତ୍ମଶକ୍ତି ଉଦ୍‌ବୋଧନୀ, ଦକ୍ଷତାଦୀପନୀ ଓ ବିଜ୍ଞାନସମ୍ମତ ଦୀକ୍ଷା ପ୍ରଥା ସେ ପ୍ରବର୍ତ୍ତନ କରନ୍ତି । ତାଙ୍କର କହିବା, ଭାବିବା ଓ କରିବାର ମଧ୍ୟରେ କୌଣସି ଅମେଳ ନଥାଏ । ତାଙ୍କର ବାଣୀ, ନୀତି ଓ ଉପଦେଶ ତାଙ୍କର ଜୀବନ ଓ ଆଚରଣରେ ପ୍ରତିଫଳିତ ହୁଏ । ଏକ କଥାରେ ସେ ହେଉଛନ୍ତି ଆଚରଣ ସିଦ୍ଧ ଆଚାର୍ଯ୍ୟ । ସ୍ଥୁଳ, ସୂକ୍ଷ୍ମ ଓ କାରଣ-ସତ୍ୟର ଏହି ତିନି ଭୂମି ସମ୍ବନ୍ଧରେ ତାଙ୍କର ସାମଗ୍ରିକ ପ୍ରତ୍ୟକ୍ଷ ଅନୁଭୂତି, ଅଭିଜ୍ଞତା ଓ ଅଧିଗତି ରହିଛି । ସେ ସତ୍ୟ, ରଜ ଓ ତମଃ - ଏହି ତିନି ଗୁଣର ସାତ୍ୱତ ବିନିଯୋଗ ଓ ବିନ୍ୟାସ କରନ୍ତି । ସେ ତଥାକଥିତ ଅଲୌକିକତାର ଆଶ୍ରୟ ଗ୍ରହଣ ନକରି ଭକ୍ତି, ଜ୍ଞାନ ଓ କର୍ମଶକ୍ତିର ଉଦ୍‌ବୋଧନରେ ମନୁଷ୍ୟକୁ ଯୋଗ୍ୟତର ଓ ଉନ୍ନତତର କରି ତୋଳନ୍ତି । ତାଙ୍କର ସମଗ୍ର ଭାବଧାରା ଓ କର୍ମଧାରା ଏକ ସୂତ୍ରସମ୍ମତ ଓ ସତ୍ତାପୋଷଣୀ । ତାଙ୍କ ଜୀବନର ପ୍ରତିଟି ପଦକ୍ଷେପ ଧାରଣ-ପାଳନ-ପୋଷଣ ସମ୍ବେଗ ପ୍ରବୁଦ୍ଧ । ସେ ଅଚ୍ୟୁତ ଯୋଗଯୁକ୍ତ, ତ୍ରିକାଳଜ୍ଞ, ତତ୍ତ୍ୱଦର୍ଶୀ ଓ ଅଭ୍ରାନ୍ତ । ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖି ସାତ୍ୱତ ବିବର୍ତ୍ତନକୁ ପ୍ରଗତିଶୀଳ କରି ତୋଳିବାର ପ୍ରୟାସ ସେ କରନ୍ତି । ସାତ୍ୱତ କୃଷ୍ଟି, ଐତିହ୍ୟ, ସଂସ୍କାର ଓ ପ୍ରଥାକୁ ସେ କେବେ ଅବଜ୍ଞା କରନ୍ତି ନାହିଁ ବରଂ ସେଗୁଡ଼ିକୁ ଆହୁରି ସନ୍ଦୀପ୍ତ କରି ଉଠାନ୍ତି । ସେ ସହାନୁଭୂତିଶୀଳ, ସେବାନିରତ, ସହଜ ପ୍ରେମିକ ମଣିଷ । ଭକ୍ତି, ଜ୍ଞାନ ଓ କର୍ମର ସଲୀଳ ସଙ୍ଗତି ଓ ସମନ୍ୱୟ ତାଙ୍କ ଭିତରେ ପରିଲକ୍ଷିତ ହୁଏ । ଜୀବନକୁ ସେ କେବେ ଅସ୍ୱୀକାର କରନ୍ତି ନାହିଁ, ବରଂ ଜୀବନକୁ ଉତ୍ସମୁଖୀ କରି ଷୋଡ଼କଳାରେ ବର୍ଦ୍ଧନମୁଖୀ କରି ଉଠାଇବା ହିଁ ତାଙ୍କର ଅଦମ୍ୟ ତପସ୍ୟା । ତାଙ୍କର ଅସତ୍‌ନିରୋଧୀ ପ୍ରବୃତ୍ତି ତାଙ୍କୁ କ୍ଷୟ ଓ ମୃତ୍ୟୁର ବିରୁଦ୍ଧରେ ଅଭିଯାନ ମୁଖର କରି ଉଠାଏ । ସେ ସମସ୍ତଙ୍କୁ ଏକାକାର କରନ୍ତି ନାହିଁ, ବା ବଡ଼କୁ ଛୋଟ କରିବାକୁ ଚାହାଁନ୍ତି ନାହିଁ ବରଂ ଛୋଟକୁ ବଡ଼ ଓ ବଡ଼କୁ ଆହୁରି ବଡ଼ କରି ଉଠାନ୍ତି ଓ ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାର ବୈଶିଷ୍ଟ୍ୟାନୁଯାୟୀ ବ୍ରାହ୍ମୀ ବିବର୍ତ୍ତନ ପଥରେ ପରିଚାଳିତ କରନ୍ତି । ପରମପୁରୁଷ ବ୍ୟକ୍ତି ସ୍ୱାର୍ଥକୁ ବାଦ ଦିଅନ୍ତି ନାହିଁ, କିନ୍ତୁ ବ୍ୟକ୍ତିକୁ ଇଷ୍ଟ ଓ ପରିବେଶର ସେବା ମାଧ୍ୟମରେ ବଡ଼ରୁ ଆହୁରି ବଡ଼କୁ ନେଇଯାଆନ୍ତି । ମନୁଷ୍ୟର ବୃତ୍ତି ପ୍ରବୃତ୍ତିର ଅସ୍ୱୀକାର, ଅବଦମନ ବା ପ୍ରଶ୍ରୟ କୌଣସିଟିକୁ ସେ ପସନ୍ଦ କରନ୍ତି ନାହିଁ, ବରଂ ସେଗୁଡ଼ିକର ସୁକେନ୍ଦ୍ରିକ ସତ୍ତାସମ୍ବର୍ଦ୍ଧନୀ ବିନ୍ୟାସ ଓ ନିୟନ୍ତ୍ରଣ ମାଧ୍ୟମରେ ମନୁଷ୍ୟକୁ ଶୁଦ୍ଧ, ବୁଦ୍ଧ ଓ ମୁକ୍ତ କରି ଉଠାଇବା ହିଁ ତାଙ୍କର ଏକାନ୍ତ ଲକ୍ଷ୍ୟ । ପ୍ରକୃତ ଆଦର୍ଶ ହିଁ ଈଶ୍ୱରଙ୍କର ବ୍ୟକ୍ତ ପ୍ରତୀକ । ଯୁଗାଫତାର କଲ୍କୀ ବିଗ୍ରହ ଭଗବାନ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଯଥାର୍ଥରେ କହିଛନ୍ତି - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍ ନାମ *ସହ ପ୍ରତିଚନ୍ଦ୍ରିକ ଓ*

*ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ଏଡସ୍ ଭୟାବହତା

ଗଲା ୧ ତାରିଖ ଦିନ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଛି। ଏଡସ୍ ମହାମାରୀର ଭୟାବହତା ବୋଧ ହୁଏ କାହାରିକୁ ଅଛପା ନାହିଁ। ସାଂପ୍ରତିକ ସମୟରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱର ଧମକ ଭାବେ ଉଭା ହୋଇଥିବା ଆସନ୍ତା ୨୦୩୦ ସୁଦ୍ଧା ବିଶ୍ୱରୁ ଏଡସ୍ ମହାମାରୀର ମୂଳୋତ୍ପାଟନ ପାଇଁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି, ସେଥିରେ ଭାରତର ଗୁରୁତ୍ୱପୂର୍ଣ୍ଣ ଅବଦାନ ଆବଶ୍ୟକ କରେ। କହିବା ବାହୁଲ୍ୟ ଯେ, ଆଫ୍ରିକୀୟ ରାଷ୍ଟ୍ରଗୁଡିକ ବାହାରେ ଏଡସ୍ ପ୍ରଭାବିତ ରାଷ୍ଟ୍ରଗୁଡିକ ମଧ୍ୟରେ ଭାରତ ହେଉଛି ଅନ୍ୟତମ। ଉଲ୍ଲେଖଯୋଗ୍ୟ ଯେ, ୨୦୨୩-୨୪ ସୁଦ୍ଧା ଦେଶରେ ମୋଟ ଏଡସ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୬ଲକ୍ଷ ୮୯ ହଜାରରେ ପହଁଚିଥିବା ସରକାରୀ ରିପୋର୍ଟରେ କୁହାଯାଇଛି। ଯାହାକି ପୂର୍ବବର୍ଷ ତୁଳନାରେ ୭.୩ ପ୍ରତିଶତ ଅଧିକ। ଯାହା ଏବେ ଉଦ୍‌ବେଗର କାରଣ। ଦେଶରେ ହରିଆନା, ପଞ୍ଜାବ, ହିମାଚଳ ପ୍ରଦେଶ, ଗୁଜରାଟ, ଆଦି ରାଜ୍ୟରେ ପୂର୍ବବର୍ଷ ତୁଳନାରେ ଏଡସ୍ ବା ଏଚଆଇଭି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଛି। ହରିଆନାରେ ଗତ ପାଂଚ ବର୍ଷ ମଧ୍ୟରେ ଏଡସ୍ ଆକ୍ରାନ୍ତଙ୍କ ସଂଖ୍ୟା ଦ୍ୱିଗୁଣ ହୋଇଥିବାବେଳେ ପଞ୍ଜାବ ଓ ହିମାଚଳ ପ୍ରଦେଶରେ ୨୦୧୯-୨୦ରୁ ୨୦୨୩-୨୪ ମଧ୍ୟରେ ଉଲ୍ଲେଖନୀୟ ଭାବେ ଆକ୍ରନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଥିବା କୁହାଯାଏ। ଆମ ରାଜ୍ୟରେ ଏଡସ୍ ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ। ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ଏଡସ୍ ଆକ୍ରାନ୍ତଙ୍କ ସଂଖ୍ୟା ୨୫୦୦ ବୃଦ୍ଧି ପାଇଥିବାବେଳେ ଚାରୋଟି ଜିଲ୍ଲା ତଥା ଗଞ୍ଜାମ, କଟକ, ଖୋର୍ଦ୍ଧା ଓ ସମ୍ବଲପୁର ଜିଲ୍ଲାର ସ୍ଥିତି ଗମ୍ଭୀର ରହିଥିବା ସରକାରୀ ତଥ୍ୟ କହେ। ରାଜ୍ୟରେ ବର୍ଷକ ମଧ୍ୟରେ ୨୫୫୧ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୩,୪୩୭ରେ ପହଁଚିଛି। ସେହିପରି ରାଜ୍ୟରେ ଲୋକସଂଖ୍ୟା ଦୃଷ୍ଟିରୁ ପ୍ରତି ୭୦୦ ଜଣରେ ଜଣେ ଆକ୍ରାନ୍ତ ହେଉଥିବା ପରିସଂଖ୍ୟାନରୁ ଜଣାପଡିଥିବାବେଳେ ବର୍ଷକୁ ପ୍ରାୟ ୪୦୦ରୁ ୫୦୦ ଜଣଙ୍କର ମୃତ୍ୟୁ ଘଟୁଥିବା ଓ ସାକ୍ଷ୍ୟ ସୂତ୍ରରୁ ଜଣାଯାଇଛି। ଗତ ୨୦୨୩ ନଭେମ୍ବର ସୁଦ୍ଧା ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୦,୮୮୬ ଥିବାବେଳେ ଚଳିତ ବର୍ଷ ଏହି ଅବଧି ସୁଦ୍ଧା ସଂକ୍ରମିତଙ୍କ ସଂଖ୍ୟା ୬୩,୪୩୭ରେ ପହଁଚିଥିବା ରିପୋର୍ଟ କହେ। ସେହିପରି ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧୯,୧୫୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ କଟକରେ ୭୯୯୪, ଖୋର୍ଦ୍ଧାରେ ୪୨୧୦ ଏବଂ ସମ୍ବଲପୁରରେ ୩୮୦୭ ଜଣ ଚିହ୍ନଟ ହୋଇଅଛି। ମୋଟ ଆକ୍ରାନ୍ତଙ୍କ ମଧ୍ୟରେ ୪୨,୫୦୨ ପୁରୁଷ, ୨୦,୯୪୫ ଜଣ ମହିଳା ଓ ୨୩,୪୭୧ ଜଣ ଯୁବବର୍ଗ ରହିଛନ୍ତି। ଏହା ନିସନ୍ଦେହ ଯେ, ଦେଶରେ ଗତ ଚାରି ଦଶନ୍ଧି ଧରି ବ୍ୟାପକ ସଚେତତନତା ଓ ବିଭିନ୍ନ କାର୍ଯ୍ୟକ୍ରମ ସତ୍ତ୍ୱେ ଏଡସ୍ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ନିଶ୍ଚିତ ଭାବେ ଚିନ୍ତାଜନକ। ଜାତୀୟ ଏଡସ୍ କଂଟ୍ରୋଲର ସଂଗଠନ ପକ୍ଷରୁ ଟେଷ୍ଟ ଆଣ୍ଡ ଟ୍ରିଟ୍ (ପରୀକ୍ଷା ଏବଂ ଚିକିତ୍ସା) ଜାରି ରହିଥିବାବେଳେ ଜୀବନସାରା ଆକ୍ରାନ୍ତଙ୍କୁ ମାଗଣା ଚିକିତ୍ସା ପ୍ରଦାନ ହେଉଛି ସବୁଠାରୁ ବଡ ଉପଲବ୍ଧ। ପୂର୍ବରୁ ଲୋକଲଜ୍ୟା ଭୟରେ ଚିକିତ୍ସା ପାଇଁ କେହି ଆକ୍ରାନ୍ତ ଆଗେଇ ଆସୁନଥିବାବେଳେ ଏବେ କିନ୍ତୁ ତାହା ଅତୀତ ହୋଇଯାଇଛି। ଯାହାର ପରିଣତି ସ୍ୱରୂପ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

୨୦୧୦ ମସିହା ପରଠାରୁ ଏଡସ୍ ମୃତ୍ୟୁ ୮୦ ପ୍ରତିଶତ ହ୍ରାସ ପାଇଛି। ସେହିପରି ମାଗଣା ଚିକିତ୍ସା ଦ୍ୱାରା ଗତ ଦଶନ୍ଧି ମଧ୍ୟ ବାର୍ଷିକ ହାରାହାରୀ ୪୪ପ୍ରତିଶତ ମାମଲା ହ୍ରାସ ପାଇଥିବା କୁହାଯାଏ। ଏହା ସତ୍ତ୍ୱେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ସର୍ବାଧିକ ରହିଛି। ଏଚଆଇଭି/ଏଡସ୍ ନିରାକଷ୍ଣ କ୍ଷେତ୍ରରେ ବ୍ୟାପକ ସଚେତନତା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସିଛି। ଏହା ନିସନ୍ଦେହରେ କୁହାଯାଇପାରେ କିନ୍ତୁ ଏହା ସତ୍ତ୍ୱେ ଯୌନ କର୍ମୀ, ଯାଯାବର, ନିଶାସକ୍ତଙ୍କୁ ବ୍ୟାପକ ସଚେତନତା କରିବାର ଆବଶ୍ୟକ ରହିଛି। କ୍ଷଣିକ ସୁଖ ପାଇଁ ଏଡସ୍ ମହାମାରୀ ଜୀବନ ନେଉଛି। ଅସୁରକ୍ଷିତ ଯୌନ ସମ୍ଭୋଗ, ବ୍ୟବହୃତ ସିରିଞ୍ଜରେ ନିଶା ସେବନ, ଆଦି ଏଡସ୍ ସଂକ୍ରମଣର ମୂଳକାରଣ ହୋଇଥିବାବେଳେ ଏଥିପ୍ରତି ସଚେତନ ରହିବା ଜରୁରୀ। ଏହି ସଚେତନତା କେବଳ ଅପବାଦ, ଲୋକଲଜ୍ୟା, ଘୃଣାରୁ ସୁରକ୍ଷିତ ରଖିବ ନାହିଁ, ଅମୂଲ୍ୟ ଜୀବନକୁ ସୁରକ୍ଷିତ ରଖିପାରିବ। ଯଥାର୍ଥ ସ୍ୱାସ୍ଥ୍ୟ ସଚେତନତା ଶୃଙ୍ଖଳିତ ଜୀବନଶୈଳୀ ଏହି ମାରାତ୍ମକ ମହାମାରୀକୁ ମୂଳୋପାଟନ କରିବା ଏକ ସୁସ୍ଥ ଓ ସୁଖୀ ସମାଜ ଗଠନରେ ସହାୟକ ହୋଇପାରିବ। ଏଡସ୍‌ର ଶୂନ୍ୟ ସମାଜ ଗଠନ ପାଇଁ ଯୁବବର୍ଗ ସଂକଳ୍ପବଦ୍ଧ ହେବା ଜରୁରୀ। ଅନ୍ୟଥା ବିଶୃଙ୍ଖଳା ଜୀବନ ଶୈଳୀ ଜୀବନ ନେବା ସାର ହେବ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ,*

# ଏମଏସଏମଇ କ୍ଲଷ୍ଟର ଆଉଟରିଚ କାର୍ଯ୍ୟକ୍ରମ ଓ ଯୁବବର୍ଗଙ୍କ ଅବଦାନ

ବିକଶିତ ଭାରତରେ ଯୁବ ବର୍ଗଙ୍କ ଯୋଗଦାନ ଉଲ୍ଲେଖନୀୟ। ଶିଳ୍ପ ଓ ଉଦ୍ୟୋଗ ଜଗତର ସ୍ୱାବଲମ୍ବୀ ଭାବେ ନିଜେ ଛିଡ଼ା ହେବା ସହ ଦେଶ ପାଇଁ ମଧ୍ୟ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସରକାର ଏମଏସଏମଇ ବ୍ୟବସ୍ଥାକୁ ମଧ୍ୟ ଗୁରୁତ୍ୱ ପ୍ରଦାନ କରି ଏ ନେଇ ବଜେଟରେ ଅର୍ଥ ବରାଦ କରିଛନ୍ତି। କିଛି ଦିନ ତଳେ ଦେଶର ୧୪୯ଟି ସ୍ଥାନରେ ଏବଂ ଓଡ଼ିଶାର ୬ଟି ସ୍ଥାନରେ ଏମଏସଏମଇ କ୍ଲଷ୍ଟର ଅଉଟରିଚ କାର୍ଯ୍ୟକ୍ରମ ଏକ ସାଙ୍ଗରେ ଆୟୋଜନ କରାଯାଇଥିଲା। ବେଙ୍ଗାଲୁରର ପିନିଆ କ୍ଲଷ୍ଟର ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାନବ୍ୟର କେନ୍ଦ୍ର ଅର୍ଥମନ୍ତ୍ରୀ ତଥା କର୍ପୋରେଟ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ ଅଧ୍ୟକ୍ଷତା କରିଥିଲେ। ମାନ୍ୟବର ଏମଏସଏମଇ ମନ୍ତ୍ରୀ ଜିତନ ରାମ ମାଝୀ ଗୟାରୁ ଭିଡିଓ କନଫରେନ୍ସି ମାଧ୍ୟମରେ ଅଂଶଗ୍ରହଣ କରିଥିଲେ। ବେଙ୍ଗାଲୁରୁରେ ଅନ୍ୟ ସମ୍ମାନିତ ଅତିଥି ମାନଙ୍କ ସହ ଏମଏସଏମଇ ରାଷ୍ଟ୍ରମନ୍ତ୍ରୀ, ଅର୍ଥ ରାଷ୍ଟ୍ରମନ୍ତ୍ରୀ ଏବଂ ଡିଏଫଏସ ସଚିବ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ମାନ୍ୟବର ଅର୍ଥମନ୍ତ୍ରୀ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରିବା ସହ ଏମଏସଏମଇ ହିତାଧିକାରୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରୟାସ ଏବଂ ଏମଏସଏମଇ ଗ୍ରାହକଙ୍କ ପାଇଁ ଭାରତ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାନ୍ୟବର ଅର୍ଥମନ୍ତ୍ରୀ କିଛି ଏମଏସଏମଇ ଗ୍ରାହକଙ୍କ ସହ ଆଲୋଚନା କରିଥିଲେ। ଚଳିତ ଆର୍ଥିକ ବର୍ଷରେ ଏମଏସଏମଇ କ୍ଷେତ୍ରକୁ ଅଧିକ ଋଣ ଦେବାକୁ ସେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ଓଡ଼ିଶା, ଆବାହକ ୟୁକୋ ବ୍ୟାଙ୍କ ପକ୍ଷରୁ ୬ଟି ଏଲଡିଏମ ଓ ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ବାଲେଶ୍ୱର, କଟକ, ଭୁବନେଶ୍ୱର, ବ୍ରହ୍ମଗିରି, ବରଗଡ଼ ଓ



ସୌମ୍ୟସାଇ ସିଦ୍ଧାର୍ଥ

ରମ୍ଭାଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତେ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ବେଙ୍ଗାଲୁରୁରୁ ସହିତ ସଂଯୁକ୍ତ ହୋଇଥିଲେ ଯେଉଁଠାରେ ମୁଖ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାଖାପାଖି ୪୫୦ ଏମଏସଏମଇ ଗ୍ରାହକ ଏବଂ ବ୍ୟାଙ୍କର ପ୍ରତିନିଧି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୟୁକୋ ବ୍ୟାଙ୍କର ଜେନେରାଲ ମ୍ୟାନେଜର, ଡେପୁଟି ଜେନେରାଲ ମ୍ୟାନେଜର, ଜୋନାଲ ମୁଖ୍ୟମାନେ ସମସ୍ତ ୬ଟି ସ୍ଥାନରେ ଯୋଗ ଦେଇଥିଲେ। ଯୁବବର୍ଗମାନେ ଆର୍ଥିକ ଭାବେ ସରକାରଙ୍କ ଠାରୁ ସହାୟତା ଓ ଉତ୍ତମ ପ୍ରଶିକ୍ଷଣ ପାଇବାପରେ ଶିଳ୍ପ ଓ ଅନ୍ୟାନ୍ୟ ଗୃହ ଉଦ୍ୟୋଗ କ୍ଷେତ୍ରରେ ସେମାନେ ସ୍ୱାବଲମ୍ବୀ ହୋଇପାରିବେ। ନିଜ ନିଜ ଅଞ୍ଚଳର ଉତ୍ପାଦିତ ସାମଗ୍ରୀର ବିକାଶ କରିପାରିବେ ଓ ଏ କ୍ଷେତ୍ରରେ ମହିଳା ବର୍ଗମାନଙ୍କ ପାଇଁ ସେମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଉତ୍ସାହ ଓ ପ୍ରେରଣା ରହିବ। ଆଜିକାଲି ଅନେକ ଆନ୍ତର୍ଜାତିକ ଓ ବଦାନ୍ୟ ସଂଗଠନମାନେ ପୃଷ୍ଠପୋଷକତା କରୁଛନ୍ତି। ଯୁବବର୍ଗ ଏହାର ସଦୁପଯୋଗ କରିବା ଉଚିତ।

*ଏମ.ଡ଼ି., ଶ୍ରୀ ସାଇ ଗୃହ ଉଦ୍ୟୋଗ*
*ପ୍ରାଇଭେଟ ଲିମିଟେଡ, ପଳାଇ,*
*ବାଲିଚନ୍ଦ୍ରପୁର, ଯାଜପୁର*

# ବିବାହ ଓ ବୀମା : କେତେ ଜରୁରୀ ?

ସମସ୍ତଙ୍କ ଜୀବନରେ ବିବାହ ଏକ ସ୍ମରଣୀୟ ଓ ସ୍ମୃତି ଅଭୁଲା। ଏବେ ଜୋରଦାର ଭାବେ କହିବାକୁଗଲେ ବିବାହ ଋତୁର ଅବସର। ଅନେକ ଲୋକମାନେ ଏହାକୁ ବେଶ ବ୍ୟବସ୍ଥିତ କରିବା ପାଇଁ ଆଜିକାଲି ଲୋକେ ବୀମା ବା ଇନସୁରାନ୍ସ କରୁଛନ୍ତି। ବାହାଘର ବୀମା କଥା ଶୁଣିଲେ ବୟସ୍କ ଲୋକଙ୍କୁ ଅଜବ ଲାଗିପାରେ, ଏହା ଆଜି ଦିନରେ ଜରୁରୀ ହୋଇଗଲାଣି। ବିବାହ ବୀମା ହେଉଛି ଏକ ପ୍ରକାର ସ୍ୱତନ୍ତ୍ର ଇଭେଣ୍ଟ ପଲିସି, ଯାହା ବିବାହ ଉତ୍ସବ ବାତିଲ କିମ୍ବା କୌଣସି ଅଘଟଣ ଜଡ଼ିତ ଆର୍ଥିକ କ୍ଷତିର ଭରଣା କରିଥାଏ। ଏହା ଜରିଆରେ ଗ୍ରାହକଙ୍କୁ କମ୍ପାନୀ ନିଶ୍ଚିତ କରେ ଯେ ବୀମାଭୁକ୍ତ ବ୍ୟକ୍ତିଙ୍କ ଜୀବନର ସବୁଠାରୁ ସ୍ମରଣୀୟ ଦିନଟି ସମ୍ପୂର୍ଣ୍ଣ ରୂପେ ଉଦବେଗଶୂନ୍ୟ ଓ ଚାପମୁକ୍ତ ରହିବ। ବିବାହ ବାତିଲ ହେଲେ କିମ୍ବା କୌଣସି ଦୁର୍ଘଟଣା ଘଟିଲେ କମ୍ପାନୀ ଏହା ଜନିତ କ୍ଷତିର ଭରଣା କରିଥାଏ। ସେହିପରି ବିବାହ ବେଳେ ଯଦି କିଛି ଝଗଡ଼ା ହୁଏ କିମ୍ବା ଅଗ୍ନିକାଣ୍ଡ ହୁଏ, ବାତ୍ୟା, ସୁନାମୀ ପରି କୌଣସି ପ୍ରାକୃତିକ ବିପର୍ଯ୍ୟୟ ଅଥବା ଦଙ୍ଗା, କର୍ଫ୍ୟୁ ସ୍ଥାନୀୟ ପୋଲିସ ବା ସମ୍ପୃକ୍ତ ସରକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ଘୋଷିତ ହୁଏ ତେବେ ବୀମାଧାରୀଙ୍କୁ କମ୍ପାନୀ କ୍ଷତିପୂରଣ ଦେଇଥାଏ। ବିବାହ ବେଳେ ବରକନ୍ୟା କିମ୍ବା ସେମାନଙ୍କ ରକ୍ତ ସମ୍ପର୍କୀୟ ପିତାମାତା, ଭାଇ, ଭଉଣୀଙ୍କ ମୃତ୍ୟୁ କିମ୍ବା ଦୁର୍ଘଟଣା ଘଟେ ତେବେ କମ୍ପାନୀ ଆବଶ୍ୟକତା ଅନୁଯାୟୀ କ୍ଷତିପୂରଣ ଦେଇଥାଏ। ଏହି ଭରଣା କେବଳ ବିବାହ ସମୟର ଅଘଟଣ ଲାଗି କାର୍ଯ୍ୟକାରୀ ହୋଇଥାଏ।



ଡକ୍ଟର ତପନ କୁମାର ପାଳ

ତେବେ ଏ କ୍ଷେତ୍ରରେ ଏକ ବ୍ୟବସ୍ଥା ହେଉଛି ଯେ ବୀମାଧାରୀ (ଏହି ବର୍ଗରେ ବର, ବରର ପରିବାର, ସମ୍ପର୍କୀୟ ଓ ବନ୍ଧୁ) ଓ ଇଭେଣ୍ଟ ସହିତ ଜଡ଼ିତ ଅନ୍ୟ କୌଣସି ବ୍ୟକ୍ତିଙ୍କ ମଧ୍ୟରେ କିମ୍ବା ବୀମାଭୁକ୍ତ ବର, ବରର ସମ୍ପର୍କୀୟ ଆଇନଗତ ବିବାଦ, ସରକାରୀ ମାମଲା, ସମନ ଇତ୍ୟାଦି ଯୋଗୁଁ ଯଦି ବିବାହ ବାତିଲ ହୋଇଥାଏ ତେବେ ଏହା ବୀମା ପରିସରଭୁକ୍ତ ହେବନାହିଁ। ବୀମା ପ୍ରିମିୟମର ପରିମାଣ ଓ ପ୍ରକାର ଉପରେ କ୍ଷତିପୂରଣ ନିର୍ଭର କରେ। ସାଧାରଣତଃ ଏକ ଭାରତୀୟ ବିବାହରେ ବୀମାରାଶି ୫ଲକ୍ଷରୁ ନେଇ କୋଡ଼ିଏ ଲକ୍ଷ ପର୍ଯ୍ୟନ୍ତ ରହିଥାଏ। ଏଥିରେ ବିବାହ ସ୍ଥାନ, ସାଜସଜ୍ଜା, ପୋଷାକ, କ୍ୟାଟରିଂ, ଅଳଙ୍କାର, ଫଟୋଗ୍ରାଫି ଓ ଅନ୍ୟାନ୍ୟ ଖର୍ଚ୍ଚ ବୀମା ପରିସରଭୁକ୍ତ। ବୀମାର ଅବଧି ସାତ ଦିନ ରହିଥାଏ। ତେଣୁ ବିବାହ ପରି କ୍ଷେତ୍ରରେ ଆଦୌ ବିଚଳିତ ନିଷ୍ପତ୍ତି ନିଅନ୍ତୁ ନାହିଁ। ଖୁବ ଭଲ ଭାବେ ଏ ସମ୍ବନ୍ଧରେ ହୃଦୟଙ୍ଗମ କରି ଏବଂ ଆବଶ୍ୟକୀୟ କାଗଜପତ୍ର ବୁଝିବା ସହ ପରିବାର ଓ ଶୁଭେଚ୍ଛୁଙ୍କ ପରାମର୍ଶ ନେଇ ନିଷ୍ପତ୍ତି ନିଅନ୍ତୁ।

*ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,*
*ଦୂରଭାଷ : ୯୯୩୭୬୫୮୩୬୨*

# ବିଜୁଳି ମିଟର ଭାରରେ ହିତାଧିକାରୀ ଚାପଗ୍ରସ୍ତ

ଓଡ଼ିଶାରେ ସରକାର ବଦଳିଲା। ଗତ ସରକାର ଠାରୁ ଉନ୍ନତ ସେବା ଯୋଜନା ଓ ଲୋକପ୍ରିୟ କାର୍ଯ୍ୟକ୍ରମ ପାଇଁ ଡବଲ ଇଞ୍ଜିନ ସରକାର ବାସ୍ତବିକ କିଛି ପଦକ୍ଷେପ ମଧ୍ୟ ବିଜୁଳି ବେଗରେ କାର୍ଯ୍ୟକାରୀ କଲେ। ତେବେ ଲୋକମାନଙ୍କର ଅତ୍ୟାଧୁନିକ ସେବା କୁହାଯାଉଥିବା ବିଜୁଳି ବ୍ୟବସ୍ଥା ସମ୍ପର୍କରେ ଆମେ କିଛି ଉଲ୍ଲେଖ କରୁଛୁ। ସଂପ୍ରତି ରାଜ୍ୟରେ ବିଜୁଳି ବଣ୍ଟନ ଦାୟିତ୍ୱ ଟାଟା ପାୱାର ହାତରେ। ତେବେ ସେମାନେ ସୁବିଧା ମୁତାବକ ବିଦ୍ୟୁତ ମିଟର ପରିବର୍ତ୍ତନ କରୁଥିବାରୁ ବ୍ୟବହାରକାରୀ (ହିତାଧିକାରୀ)ମାନେ ମିଟର ବାବଦକୁ ନେଇ ଅର୍ଥରାଶି ପ୍ରଦାନ କରିବାରେ ଲାଗିଛନ୍ତି। ତେବେ ହିତାଧିକାରୀ ମାନଙ୍କ ଠାରୁ ଥରେ (ଏକକାଳୀନ) ଭାବେ ମିଟର ବାବଦ ପ୍ରାପ୍ୟ ନେବାକୁ ଅରାଜି ହେଉଛନ୍ତି। ଏହାର କାରଣ ମଧ୍ୟ ସ୍ପଷ୍ଟ। କାରଣ ଏହାଦ୍ୱାରା ସେମାନଙ୍କ ସ୍ୱାର୍ଥ ନିର୍ଦ୍ଦିଷ୍ଟ ଭାବେ ପୂରଣ ହୋଇପାରିବ ନାହିଁ। ବିଜୁଳି ବଣ୍ଟନ ଦାୟିତ୍ୱରେ ସରକାରୀ ସଂସ୍ଥା ସେସୁ ଥିବାବେଳେ ହିତାଧିକାରୀଙ୍କ ଘରେ ପରୀକ୍ଷିତ ମିଟର ଲଗାଇବା ସହ ଏ ବାବଦରେ ଅର୍ଥ ଆଦାୟ କରିଥିଲା। ସେହିସବୁ ମିଟର ମାନୁଆଲ ଥିବାବେଳେ ହିତାଧିକାରୀମାନେ ମାସକୁ ୨୦ ଟଙ୍କା ହିସାବରେ ୫ ବର୍ଷ ଅର୍ଥ ପଇଠ କରିଥିଲେ। ଏହାପରେ ମାନୁଆଲ ମିଟର ବଦଳରେ ଡିଜିଟାଲ ମିଟର ଲାଗିଲା। ବିଜୁଳି ବଣ୍ଟନ ଦାୟିତ୍ୱ ଟାଟା ପାୱାର ହାତକୁ ଯିବା ପରେ କମ୍ପାନୀ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କଲା। ଯେଉଁମାନେ ପାଞ୍ଚ ବର୍ଷ ଧରି ମିଟର ବାବଦରେ ଅର୍ଥ ଗଣିଥିଲେ ସେମାନେ ପୁଣିଥରେ ଡିଜିଟାଲ ମିଟର ବାବଦରେ ମାସକୁ ମାସ ଅର୍ଥ ଦେଲେ। ଏବେ ଟାଟା ପାୱାର କର୍ତ୍ତୃପକ୍ଷ ଡିଜିଟାଲ ମିଟର ବଦଳରେ ଲୋକଙ୍କ ଘରେ ସ୍ମାର୍ଟ ମିଟର ବସାଇବା ଆରମ୍ଭ କରିଛନ୍ତି। ଏହି ମିଟରରେ ସ୍ୱତନ୍ତ୍ର ଚିପ ଲାଗିଛି। ଯାହା ଫଳରେ



ଡାକ୍ତର ଦିଲ୍ଲୀପ କୁମାର ମହାରଣା

ମିଟର ରିଡିଂ ପାଇଁ ଲୋକେ ଆଉ ଗ୍ରାହକଙ୍କ ଘରକୁ ଆସିବେ ନାହିଁ। ପ୍ରତି ମାସରେ କେତେ ବିଲ ହେଲା ତାହା ଗ୍ରାହକଙ୍କ ମୋବାଇଲକୁ ମେସେଜ ଆକାରରେ ଯିବ। ଏହି ମିଟର ପାଇଁ ଏବେ ହିତାଧିକାରୀମାନେ ଏବେ ମାସକୁ ମାସ ୫୦ ଟଙ୍କା କରି ତଣ୍ଡ ଗଣିବେ। ଏଥିସହିତ ମୋବାଇଲରେ ଆସୁଥିବା ମେସେଜ ପାଇଁ ଗ୍ରାହକମାନେ ଏବେ ନିୟମିତ ଭାବେ ନିଜ ନିଜ ମୋବାଇଲକୁ ରିଚାର୍ଜ କରିବାକୁ ବାଧ ହେବେ। କାରଣ ଯଦି ମେସେଜ ଦେଖି ବିଲ ପଇଠ ନକଲେ ତେବେ ସେମାନଙ୍କର ଲାଇନ କାଟି ଦେବାର ଭୟ ରହିଛି। ପୂର୍ବରୁ ଯେଭଳି ମିଟର ରିଡିଂ ପରେ କାଗଜ ବିଲ ଧରାଇ ଦିଆଯାଉଥିଲା ତାହା ଆଉ ହେବନାହିଁ। ଏ କାମରେ ନିୟୋଜିତ ବହୁ ବ୍ୟକ୍ତି ଜୀବିକା ହରାଇବାର ଆଶଙ୍କା ଉପୁଜିଲାଣି। ସେହିଭଳି ଗୋଟିଏ ପରେ ଗୋଟିଏ କିସମର ମିଟର ବସୁଥିବାବେଳେ ସେଥିପାଇଁ ହିତାଧିକାରୀମାନେ ଅର୍ଥ ଗଣିବା ଏକ ନିୟମିତ ଧାରାରେ ପରିଣତ ହେଲାଣି। ବିତରଣ କମ୍ପାନୀ ଏହା ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗର ନିୟମ ଅନୁଯାୟୀ ହେଉଥିବା ଦର୍ଶାଇ ଲୋକଙ୍କ ଉପରେ ବୋଝ ଲଦୁଥିବାବେଳେ ଓଇଆରସି କିନ୍ତୁ ନିରବ। ଏହି ଆୟୋଗର ନିୟମାବଳୀରେ କ'ଣ କ'ଣ ସବୁ ଧାରା ରହିଛି ତାହା ସାଧାରଣ ବିଜୁଳି ହିତାଧିକାରୀଟିଏ ଜାଣିବାର ଅବକାଶ ନାହିଁ। ରାଜ୍ୟ ତମାମ ବିଭିନ୍ନ ସ୍ଥାନରେ ଡିଜିଟାଲ ଓ ସ୍ମାର୍ଟ ମିଟରକୁ ନେଇ ଲୋକମାନଙ୍କ ଭିତରେ ଉତ୍ତେଜନା ଏକ ପ୍ରକାର ବଡ଼ ଅସନ୍ତୋଷର ଦାନା ବାନ୍ଧିଥିବାବେଳେ କର୍ତ୍ତୃପକ୍ଷ ମିଟର ଲଗାଇବା କାର୍ଯ୍ୟକ୍ରମ ଚଳାଇଛନ୍ତି। ତେବେ ମତ ପ୍ରକାଶ ପାଉଛି କି ଯେ ଯେଉଁମାନଙ୍କର ମିଟରଟି ଠିକ ରହିଛି ସେମାନଙ୍କୁ ନୂଆ ମିଟର ନ ବସାଯାଉ। କାରଣ ନୂଆ ମିଟର ବସାଇ ଟାଟା ପାୱାର ଅଜଥା ଲୋକମାନଙ୍କ ଉପରେ ବଡ଼ ବୋଝ ଢ଼ାଳୁଛନ୍ତି ତେଣୁ ଏ କ୍ଷେତ୍ରରେ ଓଆଇଆରସି ତତ୍କାଳ ହସ୍ତକ୍ଷେପ କରିବା ଜରୁରୀ। ନ ହେଲେ ଏହାର ପରିଣାମ ସ୍ୱରୂପ ବିଜୁଳି ବ୍ୟବହାରକାରୀଟି ଜୀବନତମାମ ଅତ୍ୟଧିକ ମିଟର ଅର୍ଥ ପ୍ରଦାନ କରୁଥିବ। ଗୋଟିଏ ପଟେ ଓଡ଼ିଶା ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟ ଆଉ ଗୋଟିଏ ପଟେ ଓଡ଼ିଶା ବିଜୁଳି କିଣୁଛି ବୋଲି ଉଲ୍ଲେଖ ରହୁଛି। ତେଣୁ ବାସ୍ତବିକ କ'ଣ ଜନସାଧାରଣ ମଧ୍ୟ ସନ୍ଦୀଆନରେ ପଡୁଛନ୍ତି। ବିଜୁଳି ଟିକସ ଭାରି ପଡୁଥିବାବେଳେ ଉପଭୋକ୍ତାଙ୍କ ପାଇଁ ସେପରି କିଛି ସୁବିଧା ସୁଯୋଗର ବ୍ୟବସ୍ଥା ମଧ୍ୟ ନାହିଁ। ତେଣୁ ଏ ସବୁ ଯେ ଜନସାଧାରଣ ଦେଖୁନାହାଁନ୍ତି ଏହାକୁ ସରକାର ବା କର୍ତ୍ତୃପକ୍ଷ ଯଦି ଭାବୁଥାନ୍ତି ତେବେ ଏହା ସମ୍ପୂର୍ଣ୍ଣ ଭୁଲ। ଉତ୍ତରଦାୟିତ୍ୱ ନିଶ୍ଚିନ୍ତ ସେମାନଙ୍କୁ ନେବାକୁ ପଡ଼ିବ ଏବଂ ଜନସାଧାରଣଙ୍କୁ ଉତ୍ତମ ସେବା ହିଁ ପ୍ରାଥମିକତା।

*ଶିଖରପୁର ଉପରସାହି, କଟକ*

# ଖ୍ରୀଷ୍ଟିୟ ମନ୍ତ୍ର

ବହୁ କାଳରୁ ଖ୍ରୀଷ୍ଟିଧର୍ମାବଲମ୍ବୀମାନେ ଏକ ପ୍ରକାର ମନ୍ତ୍ର ବ୍ୟବହାର କରିଆସୁଛନ୍ତି । ତାହାକୁ କୁହାଯାଏ ମାରାନାଥା । ଏହା ଉଚ୍ଚାରିତ ହୁଏ ଚାରିଥରରେ । ଯଥା : ମା-ରା-ନା-ଥା । ଏହା ହେଉଛି ସେଣ୍ଟ ପଲ୍‌ଙ୍କ ଚୂଡ଼ାନ୍ତ ଶୈକ୍ଷିକ ଶବ୍ଦ, ଯାହା ଖ୍ରୀଷ୍ଟିୟ ବାଇବେଲ୍‌ରେ ରହିଛି । ବାଇବେଲ୍‌ର ସମଗ୍ର ସାରକଥା ହେଉଛି 'ମାରାନାଥା' । ଏହାର ଅର୍ଥ ହେଉଛି; ଆସ ପ୍ରଭୁ । ମାରାନାଥା ମନ୍ତ୍ର ମନ ଭିତରେ ଯେତିକି ବେଗରେ ଉଚ୍ଚାରଣ କଲେ ମଧ୍ୟ କ୍ରମଶଃ ତାହା ଧୀର ହୋଇ ଆସେ । ନିଜକୁ ଏହି ମନ୍ତ୍ରର ଅର୍ଥ ବୁଝିବା ପାଇଁ ଛାଡ଼ି ଦିଆଯାଏ । ତାହା ଯେ କୌଣସି ଆଧାତ୍ମ୍ୟ ବା ଧର୍ମୀୟ ପ୍ରବଣତା ହେଉ ନା କାହିଁକି । ଏହାର ଉଚ୍ଚାରଣ ବେଳେ ପ୍ରକୃତ ପ୍ରଶାନ୍ତିକୁ ଅନୁଭବ କରିହୁଏ, ଯାହା ଶୁଦ୍ଧ ପୁନରାବୃତ୍ତି ମାଧ୍ୟମରେ ଆସିଥାଏ । ଏହି ମନ୍ତ୍ର ଆବୃତ୍ତି ବେଳେ ମନକୁ ସ୍ଥିର ରଖିବାକୁ ପଡ଼େ । ଏହି ମନ୍ତ୍ରକୁ ମନ ଭିତରେ ସମ୍ପୂର୍ଣ୍ଣ ଭାବେ ଆବୃତ୍ତି କରିସାରିଲେ, ଏହା ଶ୍ୱାସକ୍ରିୟାରେ ସୁନ୍ଦର ଭାବେ ସମନ୍ୱୟ ରକ୍ଷା କରେ । ନିରବରେ ମା-ରା-ନା-ଥା ସ୍ମରଣରେ ଅଲଗା ଅଲଗା ଭାବେ ନିଃଶ୍ୱାସରେ ସମନ୍ୱୟ ରହେ । 'ମା' ଉଚ୍ଚାରଣ ନିଃଶ୍ୱାସ ଗ୍ରହଣ ସହ କରିବାକୁ ହୁଏ, ଯେତେବେଳେ କି 'ରା' ନିଃଶ୍ୱାସ ଛାଡ଼ିବା, 'ନା' ନିଃଶ୍ୱାସ ଗ୍ରହଣ ଏବଂ 'ଥା' ନିଃଶ୍ୱାସ ଛାଡ଼ିବା ସହ କରିବାକୁ ପଡ଼ିଥାଏ ।

ଯେତେବେଳେ ଶ୍ୱାସକ୍ରିୟା ସହ ସମନ୍ୱୟ ରଖି ଏହି ମନ୍ତ୍ର ଉଚ୍ଚାରଣ କରାଯାଏ, ସେତେବେଳେ ମନେ ରଖିବାକୁ ହେବ ଯେ ନିଃଶ୍ୱାସ ନିର୍ବିଘ୍ନ, ଧୀର ଏବଂ ଶାନ୍ତ ହେବ । ଶ୍ୱାସପ୍ରକ୍ରିୟା ମଧ୍ୟରେ କୌଣସି ପ୍ରକାର ବିଶ୍ରାମ ବା ବିରତି ରହିବ ନାହିଁ । ମନ୍ତ୍ରର ପ୍ରତିଟି ଶବ୍ଦର ଉଚ୍ଚାରଣ ମନ ଭିତରେ ହିଁ ହେବ । ତାହା କୌଣସି ଭାବେ ଶ୍ୱାସକ୍ରିୟାର ସ୍ୱାଭାବିକତାକୁ ବାଧା ପହଞ୍ଚାଇବ ନାହିଁ । ତାହା ଫୁସ୍‌ଫୁସ୍, କଣ୍ଠ ଏବଂ ନାସାକେନ୍ଦ୍ରରେ ମଧ୍ୟ ବ୍ୟାଘାତ କରିବ ନାହିଁ ଯେପରି । ନିଜର ମନନଶୀଳତାକୁ ଖୁବ୍ ଶାନ୍ତ ଭାବେ ବକ୍ଷସ୍ଥଳରେ ବିଶ୍ରାମ ଦିଅନ୍ତୁ । ପାପୁଲିଏ ସ୍ଥାନରେ ତଳିପେଟର ଠିକ୍ ଉପର ଅଂଶରେ ଯେମିତି ତାହା ହୁଏ । ବୋଧଚେତନା, ଅନୁଭବ ଏବଂ ଶାନ୍ତି ସେଠାରେ ଯେପରି ବିରାଜମାନ ହୁଏ । ମନ୍ତ୍ରର ଅଭ୍ୟାସରେ ଦୃଢ଼ତା ଆଣିବା ପାଇଁ ପ୍ରତ୍ୟେହ ୪୦ ଦିନ କିମ୍ବା ଗୋଟିଏ ବର୍ଷ ପର୍ଯ୍ୟନ୍ତ ଉଦ୍ଦେଶ୍ୟମୂଳକ ଅଭ୍ୟାସରେ ରତ ରହିବାକୁ ହେବ । ଏହା ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦିବସରେ ଆରମ୍ଭ ଓ ଶେଷ କଲେ ଅତି ଉତ୍ତମ ।



ଗୋପୀନାଥ ଦାଶ

*ସେଣ୍ଟ ଥୋମାସ ଇଂଲିଶ ସ୍କୁଲ,*
*ଝାରସୁଗୁଡ଼ା*




# ଜୈବିକ କୃଷିସାରର ସମନ୍ୱିତ ପରିଚାଳନା

ଭାରତବର୍ଷ ସାରା ବିଶ୍ୱର କୃଷି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଛି, ମାତ୍ର ଏବର କୃଷିକ୍ଷେତ୍ରରେ ରାସାୟନିକ ସାରର ପ୍ରୟୋଗ ବହୁମାତ୍ରାରେ ବୃଦ୍ଧି ପାଇଅଛି । ଏହାହିଁ ଏକମାତ୍ର ବିକଳ୍ପ ରୂପେ ପରିଗଣିତ ହୋଇ ପାରିଛି । କିନ୍ତୁ ଜୈବିକ କୃଷି ସାରର ସମନ୍ୱିତ ପରିଚାଳନା କୃଷି କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଅଟେ ।

**ଜୈବିକ କୃଷିସାର କ'ଣ ?**

ଜୈବିକ କୃଷିସାର ଉପଯୋଗୀ କ୍ଷୁଦ୍ର ଅଣୁଜୀବମାନଙ୍କର ସଙ୍ଗଠିତ ସମାହାର ଯାହାର ପ୍ରୟୋଗ କୃଷି ଉତ୍ପାଦନରେ ବୃଦ୍ଧି ଆଣିବା ସହ ଫସଲର ପୁଷ୍ଟିକରମାନ ବଢ଼ାଇ ଥାଏ । ରାସାୟନିକ ସାରର ବିକଳ୍ପ ଭାବେ ଜୈବିକ କୃଷି ସାର ପ୍ରମୁଖ ଭୂମିକା ଗ୍ରହଣ କରିଅଛି । ମୁଖ୍ୟତଃ- କୃଷିଜମି ମୃତ୍ତିକା ଏବଂ ମିରେ ଏହାର ପରିଚାଳନା ହୁଏ । ଯେପରି କି ନାଇଟ୍ରୋଜେନ୍ ଫିକ୍ସିଙ୍ଗ ଅଣୁଜୀବ ଫସଲକୁ ସଠିକ୍ ପରିମାଣରେ ପହଞ୍ଚାଇ ଥାଆନ୍ତି । ଫସଫରସ ଦ୍ରବଣୀୟ ଅଣୁଜୀବ ଅଦ୍ରବଣୀୟ ଫସଫେଟକୁ ଦ୍ରବଣୀୟ କରି ଫସଲ ପାଖରେ ପହଞ୍ଚାଇ ଥାଏ । ଏତଦ୍ ଭିନ୍ନ ଏହିସବୁ ଅଣୁଜୀବ କମ୍ପୋଷ୍ଟରେ ସେଲ୍ୟୁଲୋଜର ବିଘଟନ ପ୍ରକ୍ରିୟାରେ ସାହାଯ୍ୟ କରିବା ସହ ଧାନ ଜମିରେ ଖତ ଭାବରେ ବ୍ୟବହୃତ ହୁଏ ।

**ବିଭିନ୍ନ ପ୍ରକାର ଜୈବିକ କୃଷିସାର :**

୧) ରାଇଜବିଆ, ଅଜୋଟୋବ୍ୟାକ୍ଟର, ଫସଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ ଯଥା- ବାସିଲସ୍, ସ୍ୟୁଡୋମନାସୀ ସମନ୍ୱିତ ପରିଚାଳନା ।

୨) ବାୟୋମାସ୍ ଉତ୍ପାଦକ ଅଣୁଜୀବ ଯଥା- ଆଜୋଲା, ରାଇଜୋବିୟମ୍ ଓ ଆଜୋଟୋବ୍ୟାକ୍ଟର ।



ପ୍ରସ୍ତୁତି- ଡ଼ି ଶୁଭମ୍

ସଂଯୋଜକ, କୃଷି ଦୁନିଆ



ଡାଲି ଜାତୀୟ ଫସଲ :

ବର୍ତ୍ତମାନ ଭାରତର ବିଭିନ୍ନ ଅନୁକୋଣରେ ଜୈବିକ ସାର ପ୍ରୟୋଗର ଭୂମିକା ବଢ଼ିବାରେ ଲାଗିଛି । ଡାଲିଜାତୀୟ ଫସଲ କ୍ଷେତ୍ରରେ ରାଇଜୋବିୟମର ପ୍ରୟୋଗ ଉତ୍ପାଦନ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଏହାଛଡ଼ା ଆଜୋଟୋବ୍ୟାକ୍ଟର ମଧ୍ୟ ଫସଲ ବୃଦ୍ଧିର ପ୍ରମୁଖ୍ୟ ରହସ୍ୟ ।

**ଶୈବାଳର ଉପଯୋଗିତା :**

ଶୈବାଳ ମୁଖ୍ୟଭାବେ ଧାନ ଫସଲ କ୍ଷେତ୍ରରେ ଉପଯୋଗ କରାଯାଏ । କାରଣ ଶୈବାଳ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ପରିମାଣ ବଢ଼ାଇ ଥାଏ । ଯାହା ଦ୍ୱାରା ନାଇଟ୍ରୋଜେନ୍ ଜନିତ ରାସାୟନିକ ସାରର ବିକଳ୍ପ ଭାବେ ଆମେ ଏହାକୁ ପ୍ରୟୋଗ କରିବା । ଏହା କରିବା ଦ୍ୱାରା ଉତ୍ପାଦନ ୧୦ ରୁ ୧୫ ଶତକଡ଼ା ଅଧିକ ହୋଇଥାଏ । (ଯଦିଓ ରାସାୟନିକ ସାର ବ୍ୟବହାର ନକରିବା) ଏକ ସର୍ଭେରୁ ଜଣା ଯାଇଛି ଏହି ଶୈବାଳ ୧୫ ରୁ ୩୫ କି.ଗ୍ରା ନାଇଟ୍ରୋଜେନ୍ / ହେକ୍ଟର ଯୋଗାଇଥାଏ ।

**ଫସ୍ଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ:**

ବ୍ୟାକ୍ଟେରିଆ ଯଥା ବାସିଲସ୍ ଓ ବାସିଲସ୍ ଏବଂ କବକ ଯଥା ପେନସିଲିୟମ ଅଦ୍ରବଣୀୟ ଫସ୍ଫରସ୍‌କୁ ଦ୍ରବଣ କରି ଫସଲ ପାଖରେ ପହଞ୍ଚାଇବାର କ୍ଷମତା ଅଛି । ଯାହା ଦ୍ୱାରା ଫସଲକୁ ଫସଫରସର ଅଭାବ ପୂରଣ ହୋଇଯାଏ । ଏହା ବ୍ୟତୀତ କମ୍ପୋଷ୍ଟରେ ସେଲ୍ୟୁଲୋଜ୍ ବସ୍ତୁର ଦ୍ରୁତ ବିଘଟନ ପ୍ରକ୍ରିୟାରେ ମଧ୍ୟ ଏହା ସାହାଯ୍ୟ କରେ (୪-୧୬ ସପ୍ତାହ) ।

ଡାଲି ଜାତୀୟ ଫସଲରେ ନିମ୍ନୋକ୍ତ ବ୍ୟାକ୍ଟେରିଆର ପ୍ରୟୋଗ :

ଦିଲ୍ଲୀ- ୧୩%, କାନପୁର- ୩୮%, ବନାରସ- ୯୯%

**ଆଜୋଲା :**

ଆଜୋଲା ଏହିଭଳି ଏକ ଜଳଜାତୀୟ ଫର୍ଣ୍ଣ । ଏହା ମୁଖ୍ୟତଃ ଧାନ ଫସଲରେ ବ୍ୟବହୃତ ହୁଏ । ଆଜୋଲ, ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଆନବେନା ସହ ମିଶି ଏକ ପ୍ରମୁଖ ଜୈବିକ ସାରର ଭୂମିକା ନିଭାଇଥାଏ । ଆଜୋଲା ଧାନ ଚାରାର ଧାଡ଼ି ଧାଡ଼ିରେ ମଧ୍ୟ ବଢ଼ାଯାଇପାରେ ଏବଂ ଏହାପରେ



ଏହାକୁ ନେଇ ପ୍ରୟୋଗ କରାଯାଏ । ବାୟୋମାସ୍ ଉତ୍ପାଦନ ପାଇଁ ଏହାକୁ ବ୍ୟବହାର କରାଯାଇଥାଏ । ଦ୍ରୁତ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଭାବେ ମଧ୍ୟ ଆଜୋଲା ପିନଟା ବ୍ୟବହୃତ ହୁଏ । ଏତଦ୍‌ଭିନ୍ନ ଆଜୋସ୍ପିରିଲମ୍ ମଧ୍ୟ ବ୍ୟବହାର କରାଯାଏ । ଏହି ସବୁ ବର୍ତ୍ତମାନ ସମୟରେ ଏକ ଯୁଗାନ୍ତକାରୀ ପଦକ୍ଷେପ । କୃଷି କ୍ଷେତ୍ରରେ ଏହାର ଉପଯୋଗ ଉତ୍ପାଦନରେ ଶତଗୁଣ ବୃଦ୍ଧି କରିବା ସହ ହାନିକାରକ ହୋଇ ନଥାଏ ।



# ନଡ଼ିଆ ଗଛରେ କାଳିମୁଣ୍ଡି ପୋକ ନିୟନ୍ତ୍ରଣ

ନଡ଼ିଆ ଏକ ଅର୍ଥକାରୀ ଫସଲ ଏବଂ ନଡ଼ିଆ ଗଛ ରେ ଲାଗୁଥିବା କୀଟ ମାନଙ୍କ ମଧ୍ୟରୁ କାଳିମୁଣ୍ଡି ପୋକ ଗଛ ପାଇଁ ବିଶେଷ କ୍ଷତିକାରକ । ଏହା ଏକ ପ୍ରଜାପତି ଜାତୀୟ କୀଟ ଏବଂ ଏହାର ଲାର୍ଭା ଅବସ୍ଥା ଗଛ କୁ ପହୁଞ୍ଚାଇଥାଏ । ଏହି ଲାର୍ଭା ର ମୁଣ୍ଡ କଳା ରଙ୍ଗ ର ହେଇଥିବାରୁ ଏହାକୁ କାଳିମୁଣ୍ଡି ପୋକ କୁହାଯାଏ । ଲାର୍ଭା ଟି ଦେଖିବାକୁ ଗାଢ଼ ଧୂସର ରଙ୍ଗର ଏବଂ ଅଣ୍ଡା ରୁ ବାହାରି ଏମାନେ ସବୁଜ ପତ୍ର କୁ ଖାଇଥାନ୍ତି । ପତ୍ର କୁ ଖାଇବା ସହ ଏମାନେ ପତ୍ରରେ ସୁଡଙ୍ଗ ତିଆରି କରନ୍ତି, ସେଥିରେ ଖାଇ ମଳତ୍ୟାଗ



କରନ୍ତି ଯାହା ଫଳ ରେ ପତ୍ର ର କେବଳ ମୁଖ୍ୟ ଶିରା ରହିଯାଏ କ୍ଷ ଦୂରରୁ ଦେଖିଲେ ନଡ଼ିଆ ବଗିଚ଼ା ପୋଡିଗଲା ପରି ଦେଖାଯାଏ ।

ପରିଚ଼ାଳନା:

- ଖରା ଦିନ ଆରମ୍ଭ ହେବ ପୂର୍ବରୁ ପୋକ ଦ୍ୱାରା କ୍ଷତ ପତ୍ର ଗୁଡିକୁ କାଟି ପୋଡିଦେବା ଉଚ଼ିତ ।

କ୍ସ ଗଛ ଟି ଛୋଟ ଅବସ୍ଥା ରେ ଥିଲାବେଳେ ୪ ଲିଟର ପାଣିରେ ଡାଇକ୍ଲୋରୋଭସ୍ ୧ ମିଲି ଲିଟର ମିଶାଇ ଅକ୍ରାନ୍ତିତ ଗଛର ପତ୍ରରେ ସିଞ୍ଚନ କରିବା ଦ୍ୱାରା ହେଉଥିବା କ୍ଷତି କମ କରାଯାଇପାରିବ ।

- ବ୍ରାକନ ବ୍ରେଭିକରନିଶ ନାମକ ଭଅଁର ଜାତୀୟ ଶତ୍ରୁ ପୋକକୁ ନଡିଆ ଫସଲରେ ୭ରୁ ୧୦ ଦିନ ବ୍ୟବଧାନରେ ୩ ରୁ ୪ ଥର ପ୍ରୟୋଗ କରାଯାଏ । ଏହି ଶତ୍ରୁ ପୋକଟି କାଳିମୁଣ୍ଡି ଲାର୍ଭା ଦେହ ଭିତରେ ଅଣ୍ଡା ଦିଏ । ଅଣ୍ଡାରୁ ଛୁଆ ବାହାରି ଏହାକୁ ପୋକକୁ ଖାଇ ଦିଅନ୍ତି । ଯାହା ଫଳରେ କାଳିମୁଣ୍ଡି ପୋକର ବଂଶ ଲୋପପାଏ ଏବଂ ନଡିଆ ଗଛ ଗୁଡିକ କାଳିମୁଣ୍ଡି ପୋକର ଆକ୍ରମଣରୁ ରକ୍ଷା ପାଏ ।

ରୁଦ୍ର ପ୍ରତାପ ସୁବୁଦ୍ଧି

ସହାକରୀ ପ୍ରାଧ୍ୟାପକ,

ମିଟସ୍ , ରାୟଗଡ଼ା

# କ୍ଷାରଜଳ ଜାଲଘର ମାଛ

**ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି**

ବର୍ତ୍ତମାନ ଭାରତରେ ସାମୁଦ୍ରିକ ମତ୍ସ୍ୟକୃଷି ନୀଳ ବିପ୍ଳବର ଏକ ନୂତନ ପଦକ୍ଷେପ । ଏହା ଲକ୍ଷ୍ୟ କରାଯାଇଛି ଯେ ବିଗତ ଦଶଦଶନ୍ଧି ମଧ୍ୟରେ ଲୋକମାନଙ୍କର ସ୍ୱାସ୍ଥ୍ୟକର ପୋଷଣ ଏବଂ ବୈଦେଶିକ ମୁଦ୍ରା ପାଇଁ ମାଛ ପ୍ରତି ଆଦର ଯୋଗୁଁ ସାମୁଦ୍ରିକନ୍ ମାଛର ଘରୋଇ ଚାହିଦା ଅହେତୁକ ଭାବେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଯାହା ଫଳରେ ସାମୁଦ୍ରିକ ମାଛର ଜୋର ମୂଲ୍ୟ ମଧ୍ୟ ବିଶେଷ ଭାବରେ ବୃଦ୍ଧି ପାଉଛି । କିନ୍ତୁ ସ୍ଥଳ ଭାଗର ଭୂମିଖନନ ଏବଂ ବହୁଳ ବ୍ୟବହାରର ସମସ୍ୟା, ତତସହିତ ପାରିପାର୍ଶ୍ୱିକ ପରିବେଶ ପ୍ରଦୂଷଣର ସମସ୍ୟା ଯୋଗୁଁ ଉପକୂଳବର୍ତ୍ତୀ ସାମୁଦ୍ରିକ ମତ୍ସ୍ୟକୃଷିର ସମ୍ପ୍ରସାରଣ ଓ ଉନ୍ନୟନ ବର୍ତ୍ତମାନ ଏକ କାଠିକର ବ୍ୟାପାର ହୋଇ ପଡ଼ିଛି । ଏଣୁ ଏ ସବୁର ସମାଧାନ ନିମନ୍ତେ ଲୋକମାନଙ୍କ ମନରେ 'ସମୁଦ୍ରାଭିମୁଖୀ' ବା 'ସମୁଦ୍ର ମୁହାଁ'



ନାମକ ଏକ ଚିନ୍ତାଧାରା ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଏହା କ୍ଷୀପ୍ର ଗତିରେ ଅଗ୍ରସର ହେଉଛି, ବିଶେଷ କରି ସାମୁଦ୍ରିକ ମତ୍ସ୍ୟପାଳନ ନିମେନ୍ତ ।

**କ୍ଷାରଜଳ ଜାଲଘର ମାଛଚାଷର ଉପକାରିତା :**

୧) ପ୍ରାୟତଃ ସର୍ବାଧିକ ପ୍ରକାର ଜଳଉତ୍ସର ସମ୍ପୂର୍ଣ୍ଣ ବିନିଯୋଗ ଯେପରିକି ମୁକ୍ତ ସମୁଦ୍ର, ମୁହାଣ, ବୃହତଜଳାଶୟ, ନଦୀ, ହ୍ରଦ ଏବଂ କ୍ଷାରଜଳ ଉତ୍ସ ଇତ୍ୟାଦି ।

୨) ଗରିବ ଏବଂ ଜମିହୀନ କୃଷକ ପାଇଁ ଏହା ଏକ ଉତ୍କୃଷ୍ଟ ମାଧ୍ୟମ,



କାରଣ ଏଥିପାଇଁ ଜମି କିମ୍ବା ଉତ୍ସର ଅଧିକାର ଆବଶ୍ୟକତା ନାହିଁ ।

୩) ଅନ୍ୟ ମତ୍ସ୍ୟକୃଷି ଅପେକ୍ଷା ଜାଲଘର ମାଛଚାଷରେ ମାଛ ମାନଙ୍କର ବୃଦ୍ଧି ଅପେକ୍ଷାକୃତ ଅଧିକ ହୋଇଥାଏ ।

୪) ପୋଖରୀ, ଗାଡ଼ିଆ ପରି ମାନଦ୍ଧ ଜଳାଶୟ ଅପେକ୍ଷା ଜାଲଘର ମାଛ ଚାଷରେ ୧୦-୧୨ ଗୁଣା ଅଧିକ ଉତ୍ପାଦନ ହୋଇଥାଏ ।

୫) ସମସ୍ତ ପରିଚାଳନା ଅତି ସହଜ ହୋଇଥାଏ । ଯଥା- ଖାଦ୍ୟଦେବା, ଯତ୍ନ ନେବା ଏବଂ ତଦାରଖ କରିବା ଇତ୍ୟାଦି ।

୬) ବର୍ଷରେ ସର୍ବାଧିକ ଥର ଉତ୍ପାଦନ କରିହେବା ଭଳି ଏକ ସୀମିତ ସମୟ ମାଛଚାଷ ।

୭) ବନ୍ୟା ଜନିତ କ୍ଷତିର ସର୍ବନାଶ ଭୟ ।

୮) କୌଣସି ପ୍ରକାର ଜଳସ୍ତର ହ୍ରାସର ପ୍ରଶ୍ନ ନାହିଁ ।

୯) କୌଣସି ପ୍ରକାର ଭୂମି ଖଳନ କିମ୍ବା ମାଟି ସମ୍ବନ୍ଧୀୟ ତଦାରଖର ଆବଶ୍ୟକତା ନାହିଁ ।

୧୦) ଜଳ ପରିବର୍ତ୍ତନର ଆବଶ୍ୟକତା ନାହିଁ ।

୧୧) ଯେହେତୁ ଅନ୍ୟ କୃଷିକାର୍ଯ୍ୟ ଠାରୁ ଏହାର ସ୍ଥାନ ଦୂର ଏବଂ ସମ୍ପୂର୍ଣ୍ଣ ଭିନ୍ନ । ତେଣୁ ରାସାୟନିକ ପଦାର୍ଥର ପ୍ରଭାବ ଏହା ଉପରେ ନାହିଁ କହିଲେ ଚଳେ ।

୧୨) ଉପଯୁକ୍ତ ବଜାର ସ୍ଥାନ ଦେଖି ଏହାକୁ ପରିଚାଳନା କରିବା ସଙ୍ଗେ ସଙ୍ଗେ ଆମଦାନୀ ଓ ରପ୍ତାନୀର ଅସୁବିଧାକୁ ମଧ୍ୟ ଏଡ଼ାଇ ଦିଆଯାଇ ପାରିବ ।

୧୩) ଏଥିରେ ସହଜ ଏବଂ ସମ୍ପୂର୍ଣ୍ଣ ମାଛ ଉତ୍ପାଦନ ସମ୍ଭବ ।

୧୪) ଏଥିରେ ଦିଆଯାଉଥିବା ଖାଦ୍ୟର ସମ୍ପୂର୍ଣ୍ଣ ବିନିଯୋଗ ହୋଇଥାଏ ।

୧୫) ସବୁଠାରୁ ବଡ଼ କଥା ହେଲା ଏଥିରେ କମ୍ ଖର୍ଚ୍ଚରେ ସର୍ବାଧିକ ଲାଭ ହୋଇଥାଏ ।

(ରେମୁଣା , ବାଲେଶ୍ୱର, ମୋ -୯୧୭୮୪୦୬୫୭)

# କୃଷି ପର୍ଯ୍ୟଟନ

କୃଷି ପର୍ଯ୍ୟଟନ କୃଷି ଭିତିକ କର୍ଯ୍ୟକଳାପ ସହ ଜଡିତ ଯାହା ପରିଦର୍ଶକ ମାନଙ୍କୁ ଆକୃଷ୍ଟ କରିବା ସହିତ ଚ଼ାଷ ଜମି ର ସୌନ୍ଦର୍ଯ୍ୟ ଏବଂ ଚ଼ାଷୀ ବିଷୟରେ ଜାଣିବାର ସୁଯୋଗ ସୃଷ୍ଟି କରିଥାଏ । ଲୋକମାନେ ବର୍ତମାନ ଖାଦ୍ୟ କିପରି ଉତ୍ପାଦିତ ହୁଏ , କିପରି ପ୍ରକ୍ରିୟାକରଣ ହୁଏ ଏବଂ କିପରି ବିଭିନ୍ନ ବଜାର ରେ ପହଞ୍ଚେ ? , ସେ ବିଷୟରେ ଜାଣିବା ପାଇ ଇଚ଼୍ଛା ପ୍ରକାଶ କରୁଛନ୍ତି । ଆମ ଓଡିଶା ସାରା ଭାରତରେ ଉଭୟ



ଘରୋଇ ଏବଂ ବିଦେଶୀ ନାଗରିକ ଙ୍କ ପାଇଁ ଏକ ଲୋକପ୍ରିୟ କୃଷି ପର୍ଯ୍ୟଟନ ର ଗନ୍ତବ୍ୟସ୍ଥଳ ।

କୃଷି ପର୍ଯ୍ୟଟନ ମାଧ୍ୟମରେ ଓଡିଶା ରେ କୃଷକ ମାନଙ୍କ ଜୀବନଶୈଳୀ, ଆମର ସଂସ୍କୃତି ଏବଂ ପାରମ୍ପାରିକ ପ୍ରଥମିକତା ବିଷୟରେ ପର୍ଯ୍ୟଟକ ମାନେ ଅବଗତ ହୋଇପାରିବେ ଏହା ଛଡା ସ୍ଥାନୀୟ କୃଷି ଜାତୀୟ ଦ୍ରବ୍ୟ ଏବଂ ବିଭିନ୍ନ କୃଷି ପ୍ରକ୍ରିୟା ସହ ସିଧାସଳଖ ଯୋଡି ହୋଇପାରିବେ । ଦେଶ ର ସବୁଠାରୁ ଅଧିକ ଧାନ ଉତ୍ପାଦନ କରୁଥିବା ରାଜ୍ୟ ମଧ୍ୟରୁ ଓଡିଶା ଅନ୍ୟତମ । ଓଡିଶା ର ଧାନ ଉତ୍ପାଦନ ଦେଶ ର ମୋଟ ଚ଼ାଉଳ ଉତ୍ପାଦନ ର ଏକ ଦଶମାଂଶ ଅଟେ । ଆମ ରାଜ୍ୟ ରେ ଚ଼ାଷୀ ଙ୍କ ଦ୍ୱାରା ଚ଼ାଷ କରାଯାଉଥିବା ମୁଖ୍ୟ ଫସଲ ଗୁଡିକ ହେଉଛି ଧାନ, ଝୋଟ, ବିଭିନ୍ନ ତୈଳଜାତୀୟ ଫସଲ, ଡାଲି ଜାତୀୟ, ମକା, ଆଖୁ, ଚ଼ା, କପା, ରବର, ମାଣ୍ଡିଆ, ରାଗି, ଆଳୁ, ବିଭିନ୍ନ ଫଳ ଏବଂ ପଣି ପନିପରିବା ଇତ୍ୟାଦି । ଓଡିଶା ରେ ବିଭିନ୍ନ ଋତୁ ରେ ବିଭିନ୍ନ ଫସଲ ଚ଼ାଷ କରାଯାଇଥାଏ । ଏହା ସହିତ ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କ ରେ ବିଭିନ୍ନ ପ୍ରଜାତି ର ମାଛ ,ଚ଼ିଙ୍ଗୁଡି ଏବଂ



**ଅନିଲ କୁମାର ମିଶ୍ର**

କଙ୍କଡା ଚ଼ାଷ କରାଯାଇଥାଏ । ପଶୁପାଳନ ଏବଂ କ୍ଷୀର ଉତ୍ପାଦନ ରେ ମଧ୍ୟ ଓଡିଶା ବହୁତ ଆଗରେ ।

କୃଷି ପର୍ଯ୍ୟଟନ ମାଧ୍ୟମରେ ପରିଦର୍ଶକ ମାନେ ଶସ୍ୟ ପର୍ଯ୍ୟଟନ , ପନିପରିବା ପର୍ଯ୍ୟଟନ , ଫଳ ପର୍ଯ୍ୟଟନ , ପଶୁପାଳନ ପର୍ଯ୍ୟଟନ ଏବଂ ମଛାଚ଼ାଷ ପର୍ଯ୍ୟଟନ ସ୍ଥଳ ବୁଲି ଦେଖି ପାରିବେ ।

କୃଷି ପର୍ଯ୍ୟଟନ କୃଷି , କୃଷକ , ଜନସାଧାରଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଲାଭବାନ ସୂତ୍ର ।

❖ ଚ଼ାଷୀ ମାନେ ପ୍ରତ୍ୟକ୍ଷ ଭାବେ ନିଜ ଉତ୍ପାଦନ ର ବିପଣନ କରିପାରିବେ । କୃଷି ପର୍ଯ୍ୟଟନ ଚ଼ାଷୀ ଙ୍କୁ ମୂଲ୍ୟ ନିର୍ବାହକାରୀ ପରିବର୍ତ୍ତ ? ମୂଲ୍ୟ ନିର୍ମାତା ଭାବରେ ରୂପାନ୍ତର କରିପାରିବ ।

❖ କୃଷି ପର୍ଯ୍ୟଟନ କୃଷକ ପାଇଁ ଆୟର ଏକ ଅତିରିକ୍ତ ସହାୟକ ସ୍ରୋତ ହୋଇପାରିବ ଏବଂ ସେଇ ପୂର୍ବ ଜମି ଆଧାର ରେ ଚ଼ାଷୀ ଅଧିକ ଲାଭବାନ ହୋଇପାରିବ ।

❖ କୃଷି ପର୍ଯ୍ୟଟନ ସ୍ଥଳ ପାଇଁ ଆକର୍ଷିତ ହୋଇଥିବା ପରିଦର୍ଶକ ମାନେ ପୁରୁଣା କୃଷି ଦ୍ରବ୍ୟ କିଣିବା ପାଇଁ ମଧ୍ୟ ଆଗ୍ରହ ପ୍ରକାଶ କରିବେ ।

❖ ଫସଲ ଉତ୍ପାଦନ ସମୟ ଛଡା ମଧ୍ୟ ଟିକିଏ ଚ଼ତୁରତା ସହିତ ଚ଼ାଷୀ ବର୍ଷ ତମାମ ଅର୍ଥ ଉପାର୍ଜନ କରିପାରିବ ।

❖ ମୁଖ୍ୟତ କୃଷି ପର୍ଯ୍ୟଟନ ଦ୍ୱାରା କୃଷକ ଏବଂ ଗ୍ରାହକ ଙ୍କ ସହଭାଗୀତା କୁ ବୃଦ୍ଧି କରିବାରେ ସଫଳ ହୋଇପାରିବ ।

❖ ଏହା ମଧ୍ୟ ବିଦ୍ୟାଳୟ ରେ ପଢୁଥିବା ପିଲାମାନଙ୍କ ପାଇଁ ଏବଂ କୃଷି ଆଗ୍ରହୀ ଲୋକ ଙ୍କ ପାଇଁ ପ୍ରଶିକ୍ଷଣ ର ସୁଯୋଗ ସୃଷ୍ଟି କରିବା ସହିତ ପରିବାର ଅନୁକୂଳ ଗନ୍ତବ୍ୟସ୍ଥଳ ଖୋଜୁଥିବା ଲୋକ ମାନଙ୍କ ପାଇଁ ଏକ ମନୋରଞ୍ଜନ ର ମାଧ୍ୟମ ହୋଇପାରିବ, ଯେଉଁଠି ସେମାନେ ବ୍ୟସ୍ତ ବହୁଳ ଜୀବନ ରୁ ବାହାରି ଆସି ପ୍ରକୃତି, ଉଭିଦ, ଏବଂ ଘୋରୋଇ ପଶୁ ପକ୍ଷୀ ଙ୍କ ଗହଣ ରେ ସମୟ ଅତିବାହିତ କରିପାରିବେ ।

❖ କୃଷି ପର୍ଯ୍ୟଟନ କୃଷକ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ଉତ୍ତମ ସମ୍ପର୍କ ସୃଷ୍ଟି କରିବା ସହିତ ଛୋଟ ସମ୍ପ୍ରଦାୟର ଉନ୍ନତି ରେ ମଧ୍ୟ ଅଂଶଧର ହେବ ।

❖ ପର୍ଯ୍ୟଟନ ଦ୍ୱାରା ସ୍ଥାନୀୟ ଉତ୍ପାଦନ ଏବଂ ସେବା ଗୁଡିକର ବିକ୍ରୟ ରେ ବୃଦ୍ଧି ହେବ ସହ ସ୍ଥାନୀୟ ଅଞ୍ଚଳ ରେ ନିଯୁକ୍ତି ମଧ୍ୟ ସୃଷ୍ଟି କରିବ ।

❖ ପଡୋଶୀ କ୍ଷୁଦ୍ର ଚ଼ାଷୀ ଙ୍କ ପାଇଁ ଏହା ଏକ ମାର୍କେଟିଂ ଭେନ୍ୟୁ ରୂପରେ ମଧ୍ୟ ବ୍ୟବହାର କରାଯାଇ ପାରିବ ।

କୃଷି ପର୍ଯ୍ୟଟନ କୃଷି , କୃଷକ , ଜନସାଧାରଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ଙ୍କ ମଧ୍ୟରେ ଏକ ସମନ୍ୱୟ ସମ୍ପର୍କ ବଢାଇବାରେ ସକ୍ଷମ ହେବା ସହ କୃଷକ ଙ୍କୁ ଅଧିକ ଲାଭଦାୟକ କରିପାରିବ । ସରକାର ମଧ୍ୟ କୃଷି ପର୍ଯ୍ୟଟନ କୁ ଗୁରୁତ୍ୱ ଦେବା ସହ ଚ଼ାଷୀ ମାନଙ୍କୁ ଏହି ସୁଯୋଗ ବିଷୟରେ ଅବଗତ କରାଇଲେ କୃଷି ଏବଂ କୃଷକ ର ଉନ୍ନତି ହୋଇପାରିବ ।

*କୃଷି ବିଶେଷଜ୍ଞ, ଭୁବନେଶ୍ୱର*




# ଉତ୍ତମ ଶିଶୁର ଶାରୀରିକ ଗଠନରେ କୃମିନାଶକ ଚିକିତ୍ସା

ଏକ ସୁସ୍ଥ ଓ ସୁନ୍ଦର ଶିଶୁଟିର ଶାରୀରିକ ଗଢ଼ଣରେ ତାର ଖାଦ୍ୟ ହଜମ ଓ ପାକକ୍ରିୟାଜନିତ ସୁବିଧା ରହିବା ଅତ୍ୟନ୍ତ ପ୍ରୟୋଜନୀୟ। ଅନେକ ପିଲା ରହିଯାଇଥାନ୍ତି ଯେଉଁମାନଙ୍କ ଶରୀରରେ ଥିବା କୃମି ସେମାନଙ୍କ ଶରୀରର ବିକାଶ ଓ ପୋଷଣରେ ପ୍ରତିବନ୍ଧକ ସାଜିଥାଏ। ସାଧାରଣତଃ ଶିଶୁରୋଗ ବିଶେଷଜ୍ଞମାନେ ଉତ୍ତମ ଶିଶୁର ସ୍ୱାସ୍ଥ୍ୟ ପରୀକ୍ଷା ବେଳେ ଏ ଦିଗଟିକୁ ତାର ଅଭିଭାବକମାନଙ୍କ ଠାରୁ ପଚାରି ବୁଝିଥାନ୍ତି। ତେବେ ବଡ଼ ଖୁସିର କଥା ଓଡ଼ିଶା ସରକାର ରାଜ୍ୟରେ ଜାତୀୟ କୃମି ନାଶକ ଦିବସ ପାଳନ କରିବା ସହ ଏହାକୁ ସାର୍ବଜନୀନ ଭାବେ ବ୍ୟାପକ ଓ ସବୁ ପିଲାଙ୍କ ପାଖରେ କିପରି ଉପଲବ୍ଧ ହେବ ଏହାର ସୁବନ୍ଦୋବସ୍ତ କରୁଛନ୍ତି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୋଜନା ପ୍ରକଳ୍ପ ଅନୁଯାୟୀ ରାଜ୍ୟର ୧ବର୍ଷରୁ ୧୯ବର୍ଷ ପର୍ଯ୍ୟନ୍ତ ୧କୋଟି ୪୨ଲକ୍ଷ ୩୩ହଜାର ୨୭୩ଜଣ ପିଲାଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଆଯିବର ବ୍ୟବସ୍ଥା ରହିଛି। ଶିଶୁମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ, ପୁଷ୍ଟିସାଧନ, ଶିକ୍ଷାପ୍ରତି ଆଗ୍ରହ ଏବଂ ସୁସ୍ଥ ଜୀବନ ଯାପନ ନିମନ୍ତେ ଏହା ଜରୁରୀ। ସେଥିପାଇଁ ସମସ୍ତ ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ଦୁର୍ଗମ ତଥା ଅପହଞ୍ଚ ଅଞ୍ଚଳମାନଙ୍କରେ ଏହି ଔଷଧ କେନ୍ଦ୍ର ଏବଂ ଦୁର୍ଗମ ତଥା ଅପହଞ୍ଚ ଅଞ୍ଚଳମାନଙ୍କରେ ଏହି ଔଷଧ ବଣ୍ଟନ ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଛି। ପ୍ରକାଶ ଥାଉକି ଚଳିତ ବର୍ଷ ଏପ୍ରିଲ ମାସରେ କୃମି ନାଶକ ଯୋଜନାରେ ୯୪ଲକ୍ଷ ୧ହଜାର ୪୦୮ଜଣ ପିଲାଙ୍କୁ ଔଷଧ ଖୁଆଯାଇଥିଲା, ଯାହାକି ଧାର୍ଯ୍ୟ ଲକ୍ଷ୍ୟର ୯୨.୫ ପ୍ରତିଶତ। ଏହି ସମୟରେ ମୋଟ ୨୪ଟି ଜିଲ୍ଲା ମଧ୍ୟରୁ ମାଲକାନଗିରି ଜିଲ୍ଲାରେ ସର୍ବାଧିକ ୯୬.୯୮ ପ୍ରତିଶତ ଶିଶୁଙ୍କୁ କୃମିନାଶକ ଔଷଧ ଦିଆଯାଇଥିବାବେଳେ ପୁରୀ ଜିଲ୍ଲାରେ ସର୍ବନିମ୍ନ ୮୩.୫ ପ୍ରତିଶତ ପିଲା ଏହି ଔଷଧ ଖାଇଥିଲେ। ଆସନ୍ତା ମାସ ୨୬ ତାରିଖରେ କୃମିନାଶକ ଦିବସ ଅବସରରେ ୨୭ଟି ଜିଲ୍ଲାର ୧ରୁ ୧୯ ବର୍ଷ ବୟସ୍କ ପିଲାଙ୍କୁ ଏଥିରେ ସାମିଲ କରାଯିବ। ଏଥିରେ ଅଙ୍ଗନୱାଡ଼ି କେନ୍ଦ୍ର, ସରକାରୀ ଓ ଘରୋଇ ସ୍କୁଲ ସମେତ ଡିପ୍ଲୋମା ଏବଂ ଧନ୍ଦାମୂଳକ ତାଲିମ କେନ୍ଦ୍ରର ଛାତ୍ରଛାତ୍ରୀମାନଙ୍କୁ ସାମିଲ କରାଯିବ। ସେହିଦିନ ୩୦ଟି ଜିଲ୍ଲାର ୯ ମାସରୁ ୫ ବର୍ଷ ବୟସର ୪୩ ଲକ୍ଷ ୬୨ ହଜାର ୯୫୩ ଜଣ ଶିଶୁଙ୍କୁ ଭିଟାମିନ 'ଏ' ଖାଇବାକୁ ଦିଆଯିବ। ଏହି କାର୍ଯ୍ୟକ୍ରମ ପାଇଁ ଏଏନ୍‌ଏମ୍, ଅଙ୍ଗନୱାଡ଼ି ଓ ଆଶାକର୍ମୀ, ନୋଡାଲ ଶିକ୍ଷକ ଓ ପଦାଧିକାରୀଙ୍କୁ ତାଲିମ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ରାଜ୍ୟର ଲୋକପ୍ରିୟ ସରକାର କାର୍ଯ୍ୟକ୍ରମର ସଫଳତା ଓ ଲୋକଙ୍କୁ ସଚେତନ ପାଇଁ ବିଭିନ୍ନ ପଦକ୍ଷେପ ନେବାର ଆନୁସଙ୍ଗିକ ବ୍ୟବସ୍ଥା କରିଛନ୍ତି। ଏ କ୍ଷେତ୍ରରେ ସରକାରଙ୍କ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ, ସମନ୍ୱିତ ଶିଶୁବିକାଶ, ସମାଜ କଲ୍ୟାଣ ବିଭାଗ, ପରିବାର କଲ୍ୟାଣ ବିଭାଗ, ସ୍କୁଲ ଓ ଗଣଶିକ୍ଷା ବିଭାଗ, ଓପେପା, ମହିଳା ବିକାଶ ସହ ଆନ୍ତର୍ଜାତିକ ସ୍ତରର ୟୁନିସେଫର ସହଯୋଗୀତା ମଧ ରହୁଛି। ସମଗ୍ର ଭାରତରେ ଓଡ଼ିଶା ଏକ ଅଗ୍ରଣୀ ଓ ଆଦର୍ଶଣୀୟ ରାଜ୍ୟ ଯେଉଁଠାରେ ସରକାର ରାଜ୍ୟର ସମସ୍ତ ଶିଶୁମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ, ନିୟମିତ ମାଗଣା ସ୍ୱାସ୍ଥ୍ୟ ଓ ନିଦାନ ପରୀକ୍ଷା, ପରାମର୍ଶ ସହ ଶିଶୁ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଶିଶୁ ବିକାଶ କାର୍ଯ୍ୟକ୍ରମର ବ୍ୟାପକ ଜନାଭିମୁଖୀ ଅନେକ ଯୋଜନା ହାତକୁ ନେଉଛନ୍ତି। କେବଳ ସେତିକି ନୁହେଁ ପିଲାଟି ମାଆ ଗର୍ଭରେ ଥିବା ସମୟରୁ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସେମାନଙ୍କ ନିୟମିତ ଓ ସ୍ୱାସ୍ଥ୍ୟ ପରୀକ୍ଷା ସହ, ସ୍ୱାସ୍ଥ୍ୟବର୍ଦ୍ଧକ ଛତୁଆ, ଭିଟାମିନ୍ ଟନିକ୍ ଓ ଅନ୍ୟାନ୍ୟ ଆନୁସଙ୍ଗିକ ଚିକିତ୍ସା ବ୍ୟବସ୍ଥାର ସୁଯୋଗ ରଖିଛନ୍ତି। ସମଗ୍ର ରାଜ୍ୟର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲା ସଦର ମହକୁମାଠାରୁ ରାଜ୍ୟର ତିନୋଟି ବଡ଼ ମେଡ଼ିକାଲ, ସିଟି ହସ୍ପିଟାଲ, ସର୍ବୋପରି ଶିଶୁଭବନରେ ପିଲାମାନଙ୍କ ସମସ୍ତ ପ୍ରକାର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରୀକ୍ଷା ଓ ଔଷଧପତ୍ର ମାଗଣାରେ ଯୋଗାଇବାର ବନ୍ଦୋବସ୍ତ କରିଛନ୍ତି। କୁହାଯାଏ ଏକ ଉତ୍ତମ ରାଷ୍ଟ୍ର ଓ ଗୁରୁତ୍ୱପୂର୍ଣ୍ଣ ସମାଜ ଗଠନରେ ଆଗାମୀ ଭବିଷ୍ୟତ କୁହାଯାଉଥିବା ଆଜିର ଶିଶୁମାନଙ୍କ ସ୍ୱାସ୍ଥ୍ୟଗତ ଦିଗକୁ ଗୁରୁତ୍ୱ ଦେବା ଅପରିହାର୍ଯ୍ୟ। ତେବେ କେବଳ ସରକାରଙ୍କ ଉପରେ ସମସ୍ତ ଦାୟିତ୍ୱ ନିର୍ଭର କଲେ ଚଳିବ ନାହିଁ, ବ୍ୟାପକ ସଚେତନତାର ବାର୍ତ୍ତା ନେଇ ପିଲାମାନଙ୍କର ବାପା-ମାଆ, ଅଭିଭାବକ ଓ ସେ ପାଠପଢୁଥିବା ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟତ୍ରୀଙ୍କ ପ୍ରେରଣାଦାୟକ ସହଯୋଗ ଜରୁରୀ। ଓଡ଼ିଆରେ ଏକ ଲୋକକଥା ଅଛି 'ଲୁଣ ଖାଏ ହାଣ୍ଡି, ଚିନ୍ତା ଖାଏ ଗଣ୍ଡି'। ସେହିପରି ଆପଣ ପିଲାଟିକୁ ଯେତେ ସୁଷମ ଖାଦ୍ୟ, ଫଳ, ପନିପରିବା, ଔଷଧପତ୍ର ଦେଲେ ମଧ ଯଦି ପିଲାଟିର କୃମି ସମ୍ବନ୍ଧୀୟ ସମସ୍ୟା ଥାଏ ତାହେଲେ ପିଲାଟିର ଉତ୍ତମ ସ୍ୱାସ୍ଥ୍ୟ ରହିବନାହିଁ। ତେଣୁ ଏ କ୍ଷେତ୍ରରେ ଅଭିଭାବକମାନେ ଯତ୍ନବାନ ହୋଇ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ।

# ଲଗାଣ ବର୍ଷା, ଜୀବନଯାତ୍ରା ବ୍ୟାହତ, ଶତାଧିକ ଝାଟିମାଟି ଘର ଭାଙ୍ଗିଲା



ଖଣ୍ଡପଡା (ପିଏନ୍): ଗତ ତିନିଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଲାଗି ରହିଥିଲା। ଅବିଶ୍ରାନ୍ତ ବର୍ଷା ଫଳରେ ଜୀବନ ଯାତ୍ରା ବ୍ୟାହତ ହୋଇଛି। ଏକର ଏକର ଚାଷ ଜମିରେ ବର୍ଷା ପାଣି ଲହଡି ଭାଙ୍ଗୁଛି। ଖଣ୍ଡପଡା ବ୍ଲକ ଅଂଚଳର ବିଭିନ୍ନ ଇଲାକାରେ ବର୍ଷାଜଳ ନିଷ୍କାସନ ନିମନ୍ତେ ବ୍ୟବସ୍ଥା ନଥିବାରୁ ସର୍ବସାଧାରଣଙ୍କ ଯାତାୟାତ ନିମନ୍ତେ ରାସ୍ତା ଉପରେ ବର୍ଷା ପାଣି ଜମି ରହିଛି। ଲଗାଣ ବର୍ଷା ପ୍ରଭାବରେ ବେଣାଗାଡିଆ ପଂଚାୟତ ଅଧିନ ତେନ୍ତୁଳିଆପଲ୍ଲୀ ଗ୍ରାମର ନାରାୟଣ ନାୟକ ଓ ଶେଷଦେବ ସାହୁଙ୍କ ଘର ଭାଙ୍ଗି ଯାଇଥିବା ବେଳେ ମାଧବେରେଣୀ ଗ୍ରାମର ବସନ୍ତ ସାହୁଙ୍କ ଟାଇଲ ଛପର ଘରଟି ଭୁଷୁଡି ପଡିଥିବା ଜଣାପଡିଛି। ଅପରପକ୍ଷେ ଗଡିଆସାହି ପଂଚାୟତ ଅଧିନ ହରିଜନ ସାହିର କିଶୋର ନାଏକ ଓ ବାବୁ ନାଏକଙ୍କ ଘର କାନ୍ଥ ଭୁଷୁଡି ପଡିବା ଯୋଗୁ ସଂପୃକ୍ତ ପରିବାର ଅସୁବିଧାର ସମ୍ମୁଖିନ ହୋଇଛନ୍ତି। ଗାଁ ଗଣ୍ଡାରେ ଶହ ଶହ ଝାଟିମାଟି, ଟାଇଲ ଓ ଚାଳଛପର ଘର ଲଗାଣ ବର୍ଷାର ପ୍ରଭାବରେ ଭାଙ୍ଗି ଯାଇଛି। ଫଳରେ ଉକ୍ତ ଘରେ ବସବାସ କରୁଥିବା ଜନସାଧାରଣ ଅକଥନୀୟ ଦୁର୍ଦ୍ଦଶା ଭୋଗିବା ସହ ସାଇ ପଡିଶାଙ୍କ ବାରଣ୍ଡା ସମେତ ଗ୍ରାମର କୋଠଘରେ ଆଶ୍ରୟ ନେଇଥିବା ଜଣାପଡିଛି। ବର୍ଷା ଥମିବାର ନାଁ ଗନ୍ଧ ଧରୁନଥିବାରୁ ବାସଗୃହଶୂନ୍ୟ ପରିବାରଗୁଡିକ ବିଶେଷ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବ୍ଲକ ଓ ତହସିଲ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ପୋଖରୀରେ ବୁଡି ଅକାଳ ବିୟୋଗ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ଗ୍ରାମର କିରଣ ଦେହୁରୀ (୪୫) ଗତ ୧୨ତାରିଖ ଦିନ ସକାଳେ ଶୌଚ ହେବା ପାଇଁ ନିକଟସ୍ଥ ଗୁରୁଗୁଡିଆ ପୋଖରୀକୁ ଯାଇ ଆଉ ଘରକୁ ଫେରି ନଥିଲେ। ପରିବାରବର୍ଗ ବହୁ ଖୋଜାଖୋଜି କରିବା ପରେ ପୋଖରୀ ହୁଡାରେ ତାଙ୍କର ଚପଲ ଏବଂ ବ୍ରସ ପାଇଥିଲେ। ତେଣୁ ପୋଖରୀରେ ବୁଡିଯାଇଥିବା ସନ୍ଦେହ କରି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଂଚି ବହୁ ଖୋଜାଖୋଜି କରିବା ପରେ ମଧ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ଗତ ୧୩ ତାରିଖ ସକାଳେ ତାଙ୍କ ଶବ ପାଣିରେ ଭାସୁଥିବା ଦେଖିବାକୁ ମିଳଥିଲା। ଖବର ପାଇ ସଦର ପୋଲିସ୍ ଘଟଣା ସ୍ଥଳରେ ପହଂଚି ଶବକୁ ଜବତ କରିବା ସହ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଛେଦ ପାଇଁ ପଠାଇଛି। ବ୍ୟବଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ ସୂଚନା ଦେଇଛି। ସ୍ୱର୍ଗତଃ କିରଣ ଦେହୂରୀ ରୋଷେୟା ଭାବେ କାର୍ଯ୍ୟ କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ। ସେ ଜଣେ ଅତି ମେଳାପି ଏବଂ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁରେ ପରିବାର ଦୁଃଖରେ ଭାଙ୍ଗି ପଡିବା ସହିତ ପଦ୍ମପୁର ଅଂଚଳରେ ଶୋକର ଛାୟା ଖେଳିଯାଇଛି।

# ଆମେ ଓ ଆମ ପରିବେଶର ପଶୁପକ୍ଷୀ

ବିଶ୍ୱର ଜନସଂଖ୍ୟା ବୃଦ୍ଧି ସନ୍ତୁଳିତ ପୃଥିବୀକୁ ଅସନ୍ତୁଳିତ କରିବା ଓ ବିଶ୍ୱ ପ୍ରଦୂଷଣ ବଢ଼ାଇବାର ମୁଖ୍ୟ କାରଣ। ଜନସଂଖ୍ୟା ଚାପ କାରଣରୁ ବିଶ୍ୱର ଖାଦ୍ୟ, ବାସସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ, କର୍ମ ସଂସ୍ଥାନ, ପରିବହନ, ଯୋଗାଯୋଗ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ସୃଷ୍ଟି ହେବା ସହିତ ବିଭିନ୍ନ ପ୍ରତିଯୋଗିତାମୂଳକ କାରଣରୁ ସନ୍ଦେହ ଓ ଅହଂକାର ହେତୁ ବିଶ୍ୱ ଏବେ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଆଗେଇ ଚାଲିଛି। ଏହି ପରିପ୍ରେକ୍ଷୀରେ ମଣିଷ ଯେ ଖାଲି ଏକା ଶିକାର ହେଉଛି ବା ହେବ, ତାହା ନୁହେଁ ଏ ପ୍ରକୃତି ବା ପରିବେଶ ମଧ୍ୟରେ ବସବାସ କରୁଥିବା ସମସ୍ତ ଜୀବକୁଳ ଯଥା ଉଦ୍ଭିଦ ଓ ପଶୁପକ୍ଷୀ ତାର ଶୀକାର ହେଉଛନ୍ତି ଏବଂ ହେବେ। କହିବା ବାହୁଲ୍ୟ ଯେ ସୃଷ୍ଟିର ଆରମ୍ଭରୁ ଏ ଧରିତ୍ରୀରେ କେବଳ ମଣିଷର ସଂଖ୍ୟା ସବୁଠୁ କମ୍ ଥିଲା। ଏ ପରିବେଶ ଉଦ୍ଭିଦ ଓ ପଶୁପକ୍ଷୀ ଦ୍ୱାରା ଭରପୁର ଥିଲା। ଏହିପରି ପରିବେଶ ମଧ୍ୟରେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ଥିଲା ଗୋଟିଏ ପଶୁ। ସମୟକ୍ରମେ ଭୌଗୋଳିକ ବା ଜଳବାୟୁ ପରିବର୍ତ୍ତନ କାରଣରୁ ଅନେକ ଜୀବ ଏ ପୃଥିବୀରୁ ନିଶ୍ଚିହ୍ନ ହୋଇଗଲେଣି। ଜନସଂଖ୍ୟାର ଆବଶ୍ୟକତାକୁ ମେଂଟାଇବାକୁ ଯାଇ ପରିବେଶର ଅନେକ ଜଙ୍ଗଲ ଧ୍ୱଂସ ହୋଇଗଲାଣି, ପଶୁପକ୍ଷୀମାନେ ବାସସ୍ଥାନ ଅଭାବରୁ ଏବଂ ମଣିଷର ଶୀକାର ହେତୁ ଲୋପ ହୋଇଗଲେଣି ଏବଂ ଅନେକ କିଛି ବିଲୁପ୍ତ ପ୍ରାୟ। ଏ ସବୁଥି ପାଇଁ ମଣିଷ ଦାୟୀ। ତାର କିରିତ କର୍ମ ପାଇଁ ଏ ପୃଥିବୀ ଓ ତା'ର ଅନ୍ତେଃବାସୀ ଏବେ ଧ୍ୱଂସ ବା ବିଲୁପ୍ତ ମୁଖୀ। ପ୍ରତିଟି ସଜୀବ ଓ ନିର୍ଜୀବ ବିଶେଷ ଏ ପ୍ରକୃତି ଓ ପରିବେଶରେ ଗୋଟିଏ ଗୋଟିଏ ଅମୂଲ୍ୟ ଅଂଶ। ନିର୍ଜୀବଟିର ଯେମିତି ତିଷ୍ଠିବାର ଅଧିକାର ଅଛି ସେମିତି ପ୍ରତିଟି ଜୀବବିଶେଷଙ୍କର ବଂଚିବାର ଅଧିକାର ଅଛି। ଏ ସୁନ୍ଦର ବିଶ୍ୱର ପ୍ରତ୍ୟେକ ଗୋଟିଏ ଗୋଟିଏ ବିଚିତ୍ର ଏବଂ ସୌନ୍ଦର୍ଯ୍ୟ ସୃଷ୍ଟି। ପୃଥିବୀ ତା'ର ପ୍ରାକୃତିକ ନିୟମଚୟରେ ଏସବୁର ସନ୍ତୁଳନ ରଖିଥିଲା ଅଥଚ ଆମେ କରୁଛୁ କ'ଣ? ମଣିଷ ସ୍ୱାର୍ଥ ପାଇଁ କରୁଛି କ'ଣ? ସ୍ୱାର୍ଥ ହିଁ ସବୁ ଅନର୍ଥର କାରଣ। ଏକଥା ସେ ବୁଝିବା ଉଚିତ୍। ବିବେକ ଲଗାଇ ବିଚାର କରିବା ଉଚିତ୍ ଯେ ତା ପାଇଁ କ'ଣ କରଣୀୟ ବା କଣ ବର୍ଜନୀୟ। ସଂକ୍ଷେପରେ ଏନେଇ ଏତିକି କୁହାଯାଇପାରେ ଯେ ମଣିଷ ନିଜକୁ ବଂଚାଇଲା ପରି ସେ ତା' ପରିବେଶରେ ଥିବା ସମସ୍ତ ଜୀବ, ବିଶେଷ କରି ଜଙ୍ଗଲ ଓ ପଶୁପକ୍ଷୀଙ୍କ ପ୍ରତି ଧ୍ୟାନ ଦେବା ଉଚିତ୍। ଧାର୍ମିକ ମତରେ ବୃକ୍ଷଛେଦନ ଓ ଜୀବହତ୍ୟା ମହାପାପ। ସେମିତି ବୃକ୍ଷରୋପଣ ଓ ପଶୁପକ୍ଷୀଙ୍କୁ ଆଶ୍ରୟ ପ୍ରଦାନ ମହାପୁଣ୍ୟ। ବୈଜ୍ଞାନିକ ମତରେ ପରିବେଶ ସନ୍ତୁଳନ ଓ ଜୀବର ସୁରକ୍ଷା ନିମନ୍ତେ ଏସବୁର ସଂରକ୍ଷଣର ଆବଶ୍ୟକତା ଅଛି। ପୃଥିବୀର ଏମିତି ସୃଷ୍ଟି ନାହିଁ ଯାହାର ମଣିଷ ବା ଆଉ କାହା ପ୍ରତି ଆବଶ୍ୟକତା ନାହିଁ। ଏଠି ବିଷଧର ସାପ ବା ମଶାଟିର ବି ଗୁରୁତ୍ୱ ଅଛି। କୌଣସି ସୃଷ୍ଟି ଅପକାର ବା ଉପକାର ରହିତ ନୁହଁନ୍ତି। ସମସ୍ତେ ବ୍ୟବହାରକୁ ନେଇ ଫଳାଫଳ ଦିଅନ୍ତି। ଜୀବେ ଦୟା ଧର୍ମ। ପ୍ରତ୍ୟେକ ଧର୍ମଶାସ୍ତ୍ର ଏହା କୁହେ। ସେମାନଙ୍କ ପ୍ରତି କରୁଣା ଓ ସହାନୁଭୂତି ପ୍ରଦର୍ଶନ ଆମର କର୍ତବ୍ୟ। ଆମଠୁ ସେମାନେ ବଂଚିବାର ଅଧିକାର ଦାବି କରନ୍ତି। ଖାଦ୍ୟ ଶୃଙ୍ଖଳରେ କିଏ କାହାର ଖାଦ୍ୟ ହେଲେ ହେଁ, ସମସ୍ତେ ଆମ ଦ୍ୱାରା ଲାଳିତ ଓ ପାଳିତ ହେବାର ଅଛି; ତାଙ୍କ ବଂଶ ବଢ଼ାଇବାର ସହଯୋଗ କରିବାର ଅଛି। ଆମ ପରି ଏ ପରିବେଶରେ ପଶୁପକ୍ଷୀମାନେ ବଂଚନ୍ତୁ। ଏହି କଥା ସୂଚାଇ ଦେବା ଏବଂ ଏହାର ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୪ ଅକ୍ଟୋବରକୁ ବିଶ୍ୱ ପଶୁପକ୍ଷୀ ଦିବସ ରୂପେ ପାଳନ କରାଯାଏ। ଏହି ଦିବସଟି ପ୍ରଥମେ ୧୯୩୧ ମସିହାରେ ପରିବେଶ ବିଜ୍ଞାନୀମାନେ ଏକ ବୈଠକରେ ଆରମ୍ଭ କରିଥିଲେ। ଏହି ଦିବସରେ ବିଶ୍ୱବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆରମ୍ଭ କରାଯାଏ। ଆର୍ଜେଂଟିନାରେ ଏହି ଦିବସଟି ଏପ୍ରିଲ ମାସ ୨୯ ତାରିଖରେ ପାଳିତ ହୁଏ। ପ୍ରକୃତି, ପରିବେଶ ତଥା ଏଥିରେ ବସବାସ କରୁଥିବା ଜୀବଜନ୍ତୁଙ୍କ ଜଣେ ଅନନ୍ୟ ପୂଜାରୀ ଫ୍ରାନ୍‌ସିସ୍ ଅଫ୍ ଆସିସିଙ୍କ ସ୍ମୃତି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ବିଶ୍ୱ ପଶୁଦିବସ ରୂପେ ପାଳନ କରାଯାଉଅଛି। ଏହିଦିନର ନିକଟତମ ରବିବାରରେ ବିଶ୍ୱରେ ଥିବା ସମସ୍ତ ଗୀର୍ଜାରେ ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ସମୂହ ପ୍ରାର୍ଥନା ସଭା ଆୟୋଜିତ ହୋଇଥାଏ। ଫ୍ରାନ୍‌ସିସ୍ ଖ୍ରୀଷ୍ଟିଆନ୍ ଥିବାରୁ ଏହା ଚାଲିଥିଲା। ଏବେ ଏହା ଆଉ ଖ୍ରୀଷ୍ଟିଆନ୍ ଉତ୍ସବ ନହୋଇ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହାକୁ ପାଳନ କରନ୍ତି। ଏଥିପାଇଁ ୱାଇଲ୍ଡ ଲାଇଫ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ତରଫରୁ ବିଭିନ୍ନ ସ୍କୁଲ କଲେଜ ଓ ଅନ୍ୟାନ୍ୟ ସ୍ଥାନରେ ସଚେତନଧର୍ମୀ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଥାଏ। ଏତଦ୍‌ବ୍ୟତୀତ ବିଭିନ୍ନ ବଦାନ୍ୟ ବ୍ୟକ୍ତିବିଶେଷ କିମ୍ବା କର୍ମୀମାନେ ଆନିମଲ ଚାରିଟି ବା ବଦାନ୍ୟ ପଶୁ ଅନୁଷ୍ଠାନ ଯେମିତି ଗୋଶାଳା ଇତ୍ୟାଦିଙ୍କୁ ସ୍ୱଇଚ୍ଛାରେ ଅର୍ଥ ଦାନ କରିଥାନ୍ତି। ଅନେକ କୌଣସି ଏକ ଗୃହପାଳିତ ପଶୁର ପୃଷ୍ଠପୋଷକତା ପାଇଁ ଶପଥ ନେଇଥାନ୍ତି ଓ କାର୍ଯ୍ୟରେ ପରିଣତ କରିଥା'ନ୍ତି। ଅନ୍ୟ କେହି ଆମିଷ ଭୋଜନ ପରିତ୍ୟାଗ କରିଥାନ୍ତି। ଆସନ୍ତୁ ବିଶ୍ୱ ପଶୁପକ୍ଷୀଙ୍କ ମଙ୍ଗଳାର୍ଥେ ଆମେ ବି କିଛି କରିବା।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## କୁସୁମୀ ନଦୀର ଜଳପତନ ବୃଦ୍ଧି



ଖଣ୍ଡପଡା (ପିଏନ୍) ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ ଖଣ୍ଡପଡା ଅଂଚଳ ଦେଇ ପ୍ରବାହିତ କୁସୁମୀ ନଦୀର ଜଳସ୍ତର ସମୟାନୁକ୍ରମେ ବୃଦ୍ଧି ପାଇବାରେ ଲାଗିଛି। ନଦୀ ଏବେ ଦୁଇ କୂଳ ଖାଇ ପ୍ରବାହିତ ହେଉଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ଲାଗିରହିଥିବାରୁ କୁସୁମୀ ନଦୀ କୂଳ ଲଂଘିବାର ଆଶଙ୍କା ପ୍ରକାଶ ପାଇଥିଲା। ତେବେ ନଦୀ ତଟବର୍ତୀ ଗ୍ରାମର ବାସିନ୍ଦାମାନେ ଭୟ କରିବାର କୌଣସି କାରଣ ନାହିଁ ବୋଲି କଂଟିଲୋ ଜଳସେଚନ ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

# ପ୍ରବଳ ବର୍ଷାରେ କେନ୍ଦ୍ରାପଡା ସହର ଓ ଆଖପାଖ ଅଞ୍ଚଳ ଜଳାର୍ଣ୍ଣବ



କେନ୍ଦ୍ରାପଡ଼ା (ପିଏନ୍): ଗତ ଶନିବାରଠାରୁ ଆରମ୍ଭ ହୋଇଥିବା ଲଘୁଚାପ ଜନିତ ଲଗାଣବର୍ଷାରେ କେନ୍ଦ୍ରାପଡା ସହର ସମେତ ଆଖପାଖ ଅଞ୍ଚଳ ବେହାଲ ହୋଇପଡିଥିବା ଦେଖିବାକୁ ମିଳିଛି। ସହରର ଜୟାପୁରା, କନିଆଯୋରୀ, ଏକଣାଖଣ୍ଡି, ଅଯୋଦ୍ଧାନଗର, ରଣପଡା, ଗୋପ, ମୀରପାଟଣା, କାକଟ, ଦିଲାରପୁର, ଏମାମବାଡା, ଶ୍ୟାମଗୁଡିଆ, ଗୌଡଗୋପ, ଓଡିଶୋ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅଦାଲତ ଛକ, ମେଡିକାଲ ଛକ, ମହିପାଳ, କଜଳା, ଭ୍ରମରଦିଆପାଟଣା, ପୂର୍ତ୍ତ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ପ୍ରଭୃତି ବର୍ଷା ପାଣିରେ ବୁଡି ଯାଇ ବନ୍ୟାର ଭ୍ରମ ସୃଷ୍ଟି କରିଛି। ସେହିଭଳି ସହରତଳି ଅଞ୍ଚଳ ଗୁଲନଗର, ଗରାପୁର, ଓସ୍ତପୁର, ଶ୍ୟାମସୁନ୍ଦରପୁର, ଭରତପୁର, ମରଡପୁର ପ୍ରଭୃତି ଅଞ୍ଚଳ ମଧ ବର୍ଷା ଜଳରେ ବୁଡିଯାଇଥିବା ଦେଖିବାକୁ ମିଳିଛି। ଧାନତଳି ରୁଆ ହୋଇଥିବା ଜମି ଗୁଡିକ ବର୍ଷା ପାଣିରେ ବୁଡି ଯାଇଥିବାରୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଥିବା ଜଣାପଡିଛି। ଗୋବରୀ ନଦୀର ଉଭୟ ପାର୍ଶ୍ୱରେ ଥିବା ଚାଷଜମିଗୁଡିକ ବର୍ଷା ଜଳରେ ବୁଡି ଯାଇଥିବାରୁ ସେ ଅଞ୍ଚଳର ଚାଷୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଓ ଫସଲ ନଷ୍ଟ ହୋଇଯିବାର ସମ୍ଭାବନା ଦୃଷ୍ଟିରୁ ଚିନ୍ତାରେ ଭାଙ୍ଗି ପଡିଥିବା ଦେଖାଯାଇଛି। ସହରର ତଳିଆ ଅଞ୍ଚଳରେ ପୌର ନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ ସୋମବାର ସକାଳୁ ପହଞ୍ଚି ବର୍ଷା ଜଳ ନିଷ୍କାସନ ପାଇଁ ପମ୍ପ ପକାଇ ଆବଶ୍ୟକ ବ୍ୟବସ୍ଥା କରିବା ସହ ବର୍ଷା ପାଣି ପଶି ଯାଇଥିବା ଘର ଗୁଡିକର ଲୋକମାନଙ୍କ ପାଇଁ ରହଣୀର ବ୍ୟବସ୍ଥା କରିଛନ୍ତି। କଜଳାର ବସ୍ତି ଅଞ୍ଚଳରେ ଯୁବନେତା ମହେଶ ପାଢୀ, ଜିଲ୍ଲା ଯୁବ ବିଜେଡିର ସାଧାରଣ ସମ୍ପାଦକ ମହେନ୍ଦ୍ର ମିଶ୍ର ପ୍ରମୁଖ ପହଞ୍ଚି ବର୍ଷାଜଳ ପଶି ଯାଇ ଅସୁବିଧାର ସମ୍ମୁଖୀନ ହୋଇଥିବା ଲୋକମାନଙ୍କ ସହ ଆଲୋଚନା କରିବା ସହ ସେମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ସେହିପରି କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ସହରର କେତେକ ତଳିଆ ଅଞ୍ଚଳରେ ପହଞ୍ଚି ବିପନ୍ନ ଲୋକମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିବା ଜଣାପଡିଛି।

# ଅଁଳାମଡା ମୁଣ୍ଡିଆ ସାହିରେ ପଶିଲା ବନ୍ୟାପାଣି



ଖଣ୍ଡପଡା (ପିଏନ୍): ଖଣ୍ଡପଡା ବ୍ଲକ ଗୁଣ୍ଠୁଣି ପଂଚାୟତ ଅଧିନ ଅଁଳାମଡା ମୁଣ୍ଡିଆସାହି ବାସିନ୍ଦାଙ୍କ ଘରେ ଡାହୁକା ନଦୀର ବନ୍ୟା ଜଳ ପ୍ରବେଶ କରିଛି। ଗ୍ରାମର ୩୦ରୁ ଉର୍ଦ୍ଧ ବ୍ୟକ୍ତି ବନ୍ୟାପାଣି ଯୋଗୁଁ ଦୁର୍ଦ୍ଦଶାର ସମ୍ମୁଖିନ ହୋଇଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି। ଗ୍ରାମ ନିକଟରେ ପ୍ରବାହିତ ଡ଼ାହୁକା ନଦୀର ପାଣି କୂଳ ଲଂଘି ଗ୍ରାମରେ ପ୍ରବେଶ କରିଥିବା ଜଣାପଡିଛି। ବନ୍ୟାପାଣି ଘେରରେ ଥିବା ଅଁଳାମଡା ଗ୍ରାମବାସୀଙ୍କ ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ୨୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ଓ ୨୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସର ଭିତ୍ତିପ୍ରସ୍ତର ସ୍ଥାପନ

ଆନନ୍ଦପୁର (ପିଏନ୍): ଗତ ୧୩ ତାରିଖ ପୂର୍ବାହ୍ନ ୧୧ଘଟିକା ସମୟରେ ଓଡିଶା ଆଦର୍ଶ ବିଦ୍ୟାଳୟ ଶାଳପଡା ପରିସରରେ ଅଧକ୍ଷ ସତ୍ୟବ୍ରତ ସାମଲଙ୍କ ପୌରୋହିତ୍ୟରେ ୨୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ଓ ୨୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଘଷିପୁରା ବିଧାୟକ ବଦ୍ରୀନାରାୟଣ ପାତ୍ର ଏବଂ ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ସେଠୀଙ୍କ ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ଯୋଗଦାନ କରି ଉତ୍ସବଟିକୁ ସଫଳ ରୂପାୟନ କରିଥିଲେ। ଏହି ଛାତ୍ରାବାସଟି ଖୁବ୍‌ଶୀଘ୍ର ନିର୍ମାଣ କରାଯାଇପାରିଲେ ଦୂରଦୂରାନ୍ତରୁ ଆସୁଥିବା ଛାତ୍ରଛାତ୍ରୀମାନେ ଆଗାମୀ ଦିନରେ ଉପକୃତ ହୋଇପାରିବେ ବୋଲି ମତ ପ୍ରକାଶ ପାଇଥିଲା।

# ପଞ୍ଚାୟତ ନିର୍ବାଚନ ପୂର୍ବରୁ ରାଜନୈତିକ କନ୍ଦଳ

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଧୂମାତ ପଞ୍ଚାୟତରେ ପାଞ୍ଚଲକ୍ଷ ଟଙ୍କା ବ୍ୟୟରେ ୨ଟି ପୋଖରୀ ଖୋଳାଯାଇଥିବା ମିଥ୍ୟା ତଥ୍ୟ ସୂଚନା ଅଧିକାର ଆଇନ ବଳରେ ଜଣାପଡିଥିଲା। ଯେଉଁ ୨ଟି ପୋଖରୀ ଖୋଳା ଯାଇଥିଲା ବ୍ଲକକୁ ଦର୍ଶାଇ ୫ଲକ୍ଷ ଟଙ୍କା ଉଠାଇ ନିଆଯାଇଥିଲା ସେହି ପୋଖରୀ ୨ଟି ୩ବର୍ଷିଆ ଲିଜରେ ଦିଆଯାଇଥିବା ଗ୍ରାମବାସୀମାନେ କେନ୍ଦ୍ରାପଡା ବି.ଡି.ଓଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗର ତଦନ୍ତ ହେବ ବୋଲି ବି.ଡି.ଓ ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଇଥିଲେ। କିନ୍ତୁ ସୂଚନା ଅଧିକାର ଆଇନ ବଳରେ ଏହି ୨ଟି ପୋଖରୀ ସମ୍ପର୍କରେ ତଥ୍ୟ ହାସଲ କରିଥିବା ଧୂମାତ ଆଶ୍ରମ ଦଳିତ ସାହିର ଉମାକାନ୍ତ ମଳିକ ଏ ସମ୍ପର୍କରେ ଗ୍ରାମର ବିଭିନ୍ନ ଛକ ଜାଗାମାନଙ୍କରେ ପୋଷ୍ଟର ମାରିଥିଲେ। ଗତ ଶୁକ୍ରବାର ଉମାକାନ୍ତ ପୋଷ୍ଟର ମାରୁଥିବା ବେଳେ ଧୂମାତ ପଞ୍ଚାୟତର ସରପଞ୍ଚ ନରହରି ପାଣିଙ୍କ ସମର୍ଥକମାନେ ଉମାକାନ୍ତଙ୍କୁ କଟୁରୀରେ ହାଣିଥିଲେ। ଉମାକାନ୍ତଙ୍କ ସ୍ତ୍ରୀ ରିନାରାଣୀ ଏବଂ ବାପା ଅଦୈତ ଘଟଣା ସ୍ଥଳରେ ପହଞ୍ଚି ଉମାକାନ୍ତଙ୍କୁ ରକ୍ଷାକରିବାକୁ ଯାଇ ପ୍ରବଳ ଆକ୍ରମଣର ସମ୍ମୁଖିନ ହୋଇଥିଲେ। ଏହି ଆକ୍ରମଣରେ ଉମାକାନ୍ତଙ୍କ ବାପା ଅଦୈତଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହେବାରୁ ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନାକୁ ପଠାଯାଇଛି। ଉମାକାନ୍ତ ଏବଂ ତାଙ୍କ ସ୍ତ୍ରୀ ରିନାରାଣୀ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ଅଭିଯୋଗ ପାଇ ନିକିରାଇ ଥାନା ପୁଲିସ ଘଟଣାର ତଦନ୍ତ କରୁଛି। ଖବର ପାଇ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରିଆ ନିକିରାଇ ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ବୁଝିବା ପରେ ଧୂମାତକୁ ଯାଇ ସାକ୍ଷ୍ୟପ୍ରମାଣ ସଂଗ୍ରହ କରିଛନ୍ତି। ତାଙ୍କ ନିର୍ଦ୍ଦେଶ ଅନୁସାରେ ଅଦୈତ, ତାଙ୍କ ପୁଅ ଉମାକାନ୍ତ ଏବଂ ବୋହୂ ରିନାରାଣୀଙ୍କୁ ଆକ୍ରମଣ କରିଥିବା ଓ ହାଣିଥିବା ହାପି ମଳିକ, ମିଥୁନ ମଳିକ, ଗଗନ ମଳିକ, ରବିନ୍ଦ୍ର ମଳିକ ଓ ବିକାଶ ମଳିକଙ୍କ ବିରୋଧରେ ନିକିରାଇ ଥାନାରେ ଏକ ମାମଲା ଦାୟର ହୋଇଛି। ସୂଚନାଯୋଗ୍ୟ ଯେ ଧୂମାତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିବାରେ ନେତୃତ୍ୱ ନେଇଥିବା ଧୂମାତର ୱାର୍ଡ ମେମ୍ବର ମଧୁସୁଦନ ପଣ୍ଡା ଏବଂ ଅନ୍ୟ ଜଣେ ୱାର୍ଡମେମ୍ବରଙ୍କ ସ୍ୱାମୀଙ୍କୁ ଗତ ଅପ୍ରେଲ ମାସ ୩୦ତାରିଖରେ ଆକ୍ରମଣ ହୋଇଥିଲା। ସେ ୨ଟି ମାମଲା ଏପର୍ଯ୍ୟନ୍ତ ନିକିରାଇ ଥାନାରେ ତଦନ୍ତାଧିନ ରହିଛି। ଏହି ମାମଲାର ଅଭିଯୁକ୍ତମାନଙ୍କୁ ନିକିରାଇ ଥାନା ପୁଲିସ ଗିରଫ କରିବା ପାଇଁ ଖୋଜୁଛି। ସେମାନେ ଫେରାର ଅଛନ୍ତି। ଏହି ଘଟଣାକୁ କେନ୍ଦ୍ରକରି ଧୂମାତ ପଞ୍ଚାୟତରେ ଚାପା ଉତ୍ତେଜନା ଲାଗି ରହିଛି।




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତ୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠିରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

## ପାଞ୍ଚଦିନିଆ ଆନ୍ତଃଜାତୀୟ ଯୁବ ପର୍ଯ୍ୟଟନ କର୍ମଶାଳା ଉଦଯାପିତ




ସମ୍ବଲପୁର,(ପି.ଏନ):ଗତ ଡିସେମ୍ବର ୧୪ ରୁ ଆରମ୍ଭ ହୋଇ ଗତକାଲି ଅପରାହ୍ନରେ ସମସ୍ତ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ଅତିଥି ମାନେ ନିଜ ନିଜ ବାସସ୍ଥାନକୁ ଫେରି ଯାଇଛନ୍ତି । ଏହି ପାଞ୍ଚଦିନ ସମ୍ବଲପୁର ପାଇଁ ଏକ ଐତିହାସିକ ଦିବସ । ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରଙ୍ଗଣରୁ ୨୩ଟି ରାଜ୍ୟ, ୩ଟି କେନ୍ଦ୍ର ଶାସିତ ଅଞ୍ଚଳ ଏବଂ ବିଦେଶରୁ କଳା ଓ ସଂସ୍କୃତି ସମ୍ପନ୍ନ ଯୁବା ପ୍ରତିନିଧି ଦଳ ୩୦୪ରୁ ଉର୍ଦ୍ଧ୍ୱ ଏକ ଜୁହାର ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । ଏହା ଥିଲା ଆନ୍ତର୍ଜାତୀୟ ଯୁବା ସମାବେଶର ୫ଦିନ ଧରି ହେବାକୁ ଥିବା କାର୍ଯ୍ୟକ୍ରମ ର ଶୁଭାରମ୍ଭ । ଏହି ସମାବେଶର ମୁଖ୍ୟ ବିଷୟବସ୍ତୁ ରହିଛି ପଶ୍ଚିମ ଓଡ଼ିଶାର ପର୍ଯ୍ୟଟନ ଓ ଏହାର ବିକାଶ । ଶୋଭାଯାତ୍ରା ପରେ ସମସ୍ତ ପ୍ରତିନିଧି ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଏକ ଆଲୋଚ଼ନାଚ଼କ୍ରରେ ଭାଗ ନେଇଥିଲେ । ସାମାଜିକ ଅନୁଷ୍ଠାନ ପ୍ରୋଜେକ୍ଟ ପଏଣ୍ଟ ଓ ବିଶ୍ୱ ଯୁବକ କେନ୍ଦ୍ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମଟି ସମ୍ପନ୍ନ ହୋଇଛି । ପ୍ରୋଜେକ୍ଟ ପଏଣ୍ଟର ଅଧକ୍ଷ ଡ ସଂଗ୍ରାମ କେଶରୀ ସାମନ୍ତରାୟଙ୍କ ତତ୍ୱା ବଧାନରେ ଏହି କାର୍ଯ୍ୟକ୍ରମକୁ ବିଶ୍ୱ ଯୁବକ କେନ୍ଦ୍ରର ପରିଚ଼ାଳନା ମୁଖ୍ୟ ଉଦୟ ଶଙ୍କର ସିଂହ ଓ ରଣବୀର ସିଂହ ଆସି ସହଯୋଗ କରିଥିଲେ ଏହି କାର୍ଯ୍ୟକ୍ରମର ଆଲୋଚ୍ୟ ବିଷୟବସ୍ତୁ ଥିଲା 'ଯୁବକ ଏବଂ ପର୍ଯଟନର ବିକାଶ', ଯେଉଁଥିରେ ଖେଳକୁଦ,ଶିକ୍ଷା, କୌଶଳ ବିକାଶ, ସ୍ୱ ?ଚ଼୍ଛାସେବା ଏବଂ ଯୁବା ସଂଗଠନ ସହିତ ପର୍ଯ୍ୟଟନର ସମ୍ପର୍କ ଥିବାବେଳେ ଉକ୍ତ ସମାବେଶର କନଭେନୋର୍ ବିପିନ ମହାନ୍ତି ପରିଚ଼ାଳନା କରିଥିଲେ । ସନ୍ଧ୍ୟାରେ ବିଭିନ୍ନ ରାଜ୍ୟରୁ ଆସିଥିବା ପ୍ରତିନିଧି ମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ ଓ ଏହାର ଶୁଭାରମ୍ଭ ସମାରୋହରେ ମୁଖ୍ୟ ଅତିଥି ଭାବରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚ଼ାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଯୋଗଦେଇଥିଲେ ।

## ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ ।

## ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତ୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ଜିନ୍ଦଲ ସିଏସଆର - ୨୦ ଛାତ୍ରଛାତ୍ରୀଙ୍କୁ ଷ୍ଟେନଲେସ୍ ଷ୍ଟିଲ୍ ଫ୍ୟାବ୍ରିକେସନ୍ ଦକ୍ଷତା ପ୍ରମାଣପତ୍ର ପ୍ରଦାନ



ଦାନଗଦି, (ପି ଏନ) :- ଜିନ୍ଦଲ ଷ୍ଟେନଲେସ ଲିମିଟେଡ଼, କଳିଙ୍ଗନଗର ଓ ସରକାରୀ ପଲିଟେକନିକ ଇନଷ୍ଟିଚ୍ୟୁଟ, ରଗଡି, ଯାଜପୁରଙ୍କ ମିଳିତ ସହଯୋଗରେ ଚ଼ାଲିଥିବା ଷ୍ଟେନଲେସ ଷ୍ଟିଲ ଫ୍ୟାବ୍ରିକେସନ ପ୍ରଶିକ୍ଷଣ ପ୍ରକଳ୍ପରେ ସଦ୍ୟ ପ୍ରଶିକ୍ଷଣ ସମାପ୍ତ କରିଥିବା ୨୦ ଜଣ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସଫଳତାର ସହ ପାଳନ କରାଯାଇଅଛି ଓ ସରକାରୀ ପଲିଟେକ୍ନିକ୍ ଇନଷ୍ଟିଚ୍ୟୁଟ୍, ରଗଡି ଠାରେ ଅନୁଷ୍ଠିତ ଏହି ସମାରୋହରେ ଦକ୍ଷତା ବିକାଶ ଏବଂ ସମ୍ପ୍ରଦାୟର ସଶକ୍ତିକରଣ ପାଇଁ ଜେଏସଏଲର ପ୍ରତିବଦ୍ଧତା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ ଓ ଜିନ୍ଦଲ ଷ୍ଟେନଲେସ ଲିମିଟେଡ଼ର ଡେପୁଟି ଜେନେରାଲ୍ ମ୍ୟାନେଜର ଶ୍ରୀ ରାମକୃଷ୍ଣ ମହାନ୍ତି ମୁଖ୍ୟ ଅତିଥି ଭାବରେ ସ୍ନାତକୋତ୍ତର ଛାତ୍ରମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ ଏବଂ ଷ୍ଟେନଲେସ୍ ଷ୍ଟିଲର ବିଭିନ୍ନ ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ବିକାଶଶୀଳ ଚ଼ାକିରି ବଜାର ସହିତ ଖାପ ଖୁଆଇବା ପାଇଁ ସେ ଛାତ୍ରମାନଙ୍କୁ କଠିନ ପରିଶ୍ରମ ଏବଂ ସକରାତ୍ମକ ଚ଼ିନ୍ତାଧାରା ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ ଓ ଏହି ଉତ୍ସବରେ ସରକାରୀ ବହୁମୁଖୀ ବୈଷୟିକ ଶିକ୍ଷାନୁଷ୍ଠାନ, ରଗଡି, ଯାଜପୁର ର ଅଧ୍ୟକ୍ଷ ଡା. ସୁଭାଙ୍ଗ କିଶୋର ଦାସ ଅନ୍ୟତମ ଅତିଥି ରୂପେ ଯୋଗ ଦେଇ ଜିନ୍ଦଲ ଷ୍ଟେନଲେସ ଦ୍ୱାରା ଷ୍ଟେନଲେସ ଷ୍ଟିଲ ଫ୍ୟାବ୍ରିକେସନ ପ୍ରଶିକ୍ଷଣ ପ୍ରକଳ୍ପର ଉପକାରିତା ଉପରେ ଆଲୋକପାତ କରିଥିବା ବେଳେ ଜିନ୍ଦଲ କର୍ତ୍ତୃପକ୍ଷଙ୍କ ଷ୍ଟେନଲେସ ଷ୍ଟିଲ ସମ୍ବନ୍ଧିତ ବୈଷୟିକ ପ୍ରଶିକ୍ଷଣ ପ୍ରକଳ୍ପ ଛାତ୍ର ଛାତ୍ରୀ ମାନଙ୍କର ଷ୍ଟେନଲେସ ଷ୍ଟିଲ ସମ୍ପର୍କୀତ ଜ୍ଞାନ କୁ ପରିବର୍ଦ୍ଧିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଅଛି ବୋଲି ମତବ୍ୟକ୍ତ କରିବାସହିତ ଏହି ପ୍ରକଳ୍ପକୁ ଆହୁରି ପରିବ୍ୟାପ୍ତ କରିବାପାଇଁ ଜିନ୍ଦଲ କର୍ତ୍ତୃପକ୍ଷ ଙ୍କୁ ଅନୁରୋଧ କରିଥିଲେ ଓ ଜିନ୍ଦଲ ଷ୍ଟେନଲେସ ଲିମିଟେଡ଼ ର ସାମାଜିକ ଦାୟିତ୍ୱବୋଧ ବିଭାଗର ବରିଷ୍ଠ ପ୍ରବନ୍ଧକ ତପନ କୁମାର ନାୟକ ଅନ୍ୟତମ ଅତିଥି ରୂପେ ଯୋଗଦେଇ ଏହି ପ୍ରକଳ୍ପ କୁ ଆହୁରି ସରସ ସୁନ୍ଦର ତଥା କ୍ରିୟାଶୀଳ କରିବା ପାଇଁ ଛାତ୍ର ଛାତ୍ରୀ ମାନଙ୍କର ମତାମତ ଲୋଡ଼ିଥିଲେ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସଂଶ୍ଲିଷ୍ଟ ରହି ସଫଳ ରୂପେ ପ୍ରଶିକ୍ଷଣ ସମାପ୍ତ କରିଥିବାରୁ ସମସ୍ତ ଛାତ୍ର ଛାତ୍ରୀ ,ଅଧ୍ୟାପକ , ଅଧ୍ୟକ୍ଷ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିବାସହିତ ଛାତ୍ର ଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ଓ ଏହି ପ୍ରଶିକ୍ଷଣ ଚ଼ାକିରୀ ଜୀବନରେ ସାହାଯ୍ୟ କରିବା ସହିତ ବ୍ୟକ୍ତିଗତ ସ୍ତରରେ ଜଣେ ସଫଳ ଉଦ୍‌ଯୋଗୀ ହେବା ପାଇଁ ଯଥେଷ୍ଟ ସହାୟକ ହେବବୋଲି ଛାତ୍ର ଛାତ୍ରୀ ମାନେ ନିଜ ନିଜର ବକ୍ତବ୍ୟ ରେ ଉପସ୍ଥାପନ କରିଥିଲେ ।


2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

Bhubaneswar Saturday December 21 ଭୁବନେଶ୍ୱର ଶନିବାର, ଡିସେମ୍ବର ୨୧,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

## ଦୀର୍ଘ ତିରିଶ ବର୍ଷ ପରେ କୋଣାର୍କ ମେଡିକାଲରୁ ଷ୍ଟାଫ ନର୍ସ ବଦଳିନାହିଁ, ମୋହନ ସରକାର ଦୃଷ୍ଟି ଦେବେକି ?

କୋଣାର୍କ,(ପି. ଏନ ): କୋଣାର୍କ ପର୍ଯ୍ୟଟନ ସ୍ଥଳୀକୁ ଦୈନିକ ଦେଶ ବିଦେଶରୁ ହଜାର ହଜାର ପର୍ଯ୍ୟଟକ ବୁଲିବାକୁ ଆସୁଥିଲେ ମଧ୍ୟ ଏକ ବର୍ଷରେ ଆଠ ରୁ ଅଧିକ ଡାକ୍ତର ବଦଳିବା ପରେ କେଉଁ ସ୍ୱାର୍ଥରେ ଷ୍ଟାଫ୍ ନର୍ସ ବଦଳି ନାହିଁ, ତାହା କୋଣାର୍କ ବାସୀଙ୍କ ମନରେ ପ୍ରଶ୍ନ ? ଖବର ନେବାରେ ଜଣାପଡିଛି ମା ଓ ଶିଶୁ ବିଭାଗ କୋଣାର୍କ ମେଡିକାଲ ୬କୋଟି ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଗୃହ ନିର୍ମାଣ ହୋଇଥିବା ବେଳେ ତାହା ଉଦଘାଟନ ନହୋଇ କାଯ୍ୟକାରୀ ହେବା କୋଣାର୍କ ବାସୀଙ୍କ ପାଇଁ ଦୁଃଖ ଓ ପରିତାପର ବିଷୟ, କରୋନା ମହାମାରୀ ସମୟରେ ଲକ୍ଷାଧିକ ଟଙ୍କାର ଏସି, ବେଡ୍, ବେଡ୍‌ସିଟ, ମଶାରୀ, ମେଡ଼ିସିନ, କମ୍ପ୍ୟୁଟର ଓ ଅନେକ ଆସବାପାତ୍ର ଆସିଥିଲେ ମଧ୍ୟ ଉକ୍ତ ଜିନିଷ ଗୁଡିକ ଷ୍ଟାଫ୍ ନର୍ସଙ୍କ ତତ୍ତ୍ୱାବଧାନରେ ଥିଲେ ମଧ୍ୟ ତତକାଳୀନ ମେଡିକାଲ ଅଫିସରକୁ ହାତେଇ ଜିନିଷ ଗୁଡିକ ହରିଲୁଟ ହୋଇଥିବା ବାରମ୍ବାର ଅଭିଯୋଗ ହୋଇଥଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏମାନଙ୍କର ଅନ୍ୟତ୍ର ବଦଳି କେଉଁ ଅଫିସରଙ୍କ ବାହୁଛୟତଳେ ରହି ହୋଇପାରୁନାହିଁ ତାହା ସାଧାରଣରେ ପ୍ରଶ୍ନ ବାଚ୍ୀ ସୃଷ୍ଟି କରିଛି । ମେଡିକାଲ ଡିଉଟି ସମୟରେ ପର୍ଯ୍ୟଟକମାନଙ୍କୁ ଚ଼ିକିତ୍ସାରେ ଅବହେଳା କରିବା, ରୋଗୀ ମାନଙ୍କୁ ସରକାରୀ କ୍ୱାଟର କୁ ଡାକି ଚ଼ିକିତ୍ସା ମନ୍ତ୍ର ଦେବା ଅନେକ ଥର ନଜରକୁ ଆସିଛି, ଏହାର ବିଦିବଦ୍ଧ ତଦନ୍ତ କରାଯାଇ ଦୋଷୀ ଉପରେ ତୁରନ୍ତ କାଯ୍ୟନୁଷ୍ଠାନ ନ ନିଆଗଲେ ଖୁବ ଶୀଘ୍ର ଜନ ଆନ୍ଦୋଳନ କରାଯିବ ବୋଲି ଜନମତ ପ୍ରକାଶ ପାଉଛି । ଷ୍ଟାଫ୍ ନର୍ସଙ୍କ ମନଇଚ୍ଛା ଡ୍ୟୁଟି ଚ଼ାଲିଛି । ଅନେକ ରୋଗୀ ମେଡ଼ିକାଲ ଆସି ଫେରୁଛନ୍ତି । ଦୀର୍ଘ ବର୍ଷ ହେବ ଷ୍ଟାଫ୍ ନର୍ସ ମେଡ଼ିକାଲ କ୍ୱାର୍ଟରରେ ରହି ବନ୍ଧୁ ପରିବାର ବର୍ଗଙ୍କୁ ମଧ୍ୟ ରଖି ଆସୁଛନ୍ତି । ଯାହାକୁ ନେଇ କୋଣାର୍କ ବାସି ମାନେ ନିନ୍ଦା କରିଛନ୍ତି । ତୁରନ୍ତ ତାଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ବିଜେପି ସରକାରଙ୍କୁ ସ୍ଥାନୀୟ ଲୋକମାନେ ଦାବି ଜଣାଇଛନ୍ତି

## ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ସମ୍ବଲପୁର ଜିଲ୍ଲା ଶାଖାର ବାର୍ଷିକ ସାଧାରଣ ପରିଷଦ ବୈଠକ



ସମ୍ବଲପୁର,(ପି.ଏନ): ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ସମ୍ବଲପୁର ଜିଲ୍ଲା ଶାଖାର ବାର୍ଷିକ ସାଧାରଣ ପରିଷଦ ବୈଠକ ତଥା କର୍ମକର୍ତ୍ତା ନିର୍ବାଚ଼ନ ଶୁକ୍ରବାର ରେଙ୍ଗାଲି ନୂଆ ରମ୍‌ପେଲାସ୍ଥିତ ମିଶ୍ର ଇଣ୍ଟରପ୍ରାଇଜେସ୍ ଫାର୍ମ ହାଉସ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଘର ସମ୍ବଲପୁର ଜିଲ୍ଲା ଶାଖାର ୯ ଗୋଟି ବ୍ଲକ ଶାଖାର ଶତାଧିକ ସାମ୍ବାଦିକ ଉପସ୍ଥିତ ରହିଥିଲେ । ଏହି ଅବସରରେ ଓଡିଶା ସାମ୍ବାଦିକ ସଂଘ ସମ୍ବଲପୁର ଜିଲ୍ଲା ଶାଖାର ସଭାପତି ଭାବେ ହିମାଂଶୁ ଶେଖର ମିଶ୍ର ପୁଣିଥରେ ମନୋନୀତ ହୋଇଛନ୍ତି । ଠିକ୍ ? ସେହିପରି କାର୍ଯ୍ୟକାରୀ ସଭାପତି ଭାବେ ସୁକାନ୍ତ କର ଏବଂ ଉପସଭାପତି ଭାବେ ନରେଶ ମାହାଣଓ, ଶିଶିର ସାହୁ, ପ୍ରଦୀପ ନାୟକ,ଏବଂ ସନ୍ତୋଷ ସାହୁ ଉପସଭାପତି ଭାବେ ମନୋନୀତ ହୋଇଥିବାବେଳେ ଅଶୋକ ପଟେଲ, ଅଙ୍କିତ ସାହୁ, ଅମଳେନ୍ଦୁ ନାୟକ ଓ ବାଦଶାହା କୁସମନ ରାଣଓ ସହସଂପାଦକ ଓ ବିରାଜ ମିଶ୍ର କୋଷାଧକ୍ଷ ହୋଇଛନ୍ତି । ସୁଧାଂଶୁ ଶେଖର ମହାରଣା, ସଞ୍ଜୟ ପାଗୋଡା, ମହାବୀର ସିଂହ ଦେଓ, ରବୀନ୍ଦ୍ର ନାଥ ପ୍ରଧାନ, ନବୀନ ଦାଶ, ଗୁଣମଣୀ ବିଶ୍ୱାଳ, ସତ୍ୟଜିତ ମହାପାତ୍ର ଓ ହରି ଶଙ୍କର ମିଶ୍ର କାର୍ଯ୍ୟକାରିଣୀ କମିଟି ସଭ୍ୟ ଭାବେ ମନୋନୀତ ହୋଇଛନ୍ତି । ସାଧାରଣ ସମ୍ପାଦକ ପଦବୀ ପାଇଁ ସରୋଜ ସାହୁ ଏବଂ ସତ୍ୟଜିତ ମହାପାତ୍ରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ଏଥିରେ ସମୁଦାୟ ୫୪ ଖଣ୍ଡ ଭୋଟରୁ ସରୋଜ ସାହୁ ୪୬ ଖଣ୍ଡ ଭୋଟ ପାଇଥିବାବେଳେ ସତ୍ୟଜିତ ୮ ଖଣ୍ଡ ଭୋଟ ପାଇଥିଲେ । ଏହାଦ୍ୱାରା ସରୋଜ ସାହୁ ସାଧାରଣ ସମ୍ପାଦକ ଭାବେ ପୁନଶ୍ଚ ନିର୍ବାଚ଼ିତ ହୋଇଛନ୍ତି । ରେଙ୍ଗାଲିର ବରିଷ୍ଠ ଓକିଲ ଲଳିତ କୁମାର ଜେନା ନିର୍ବାଚ଼ନ ପର୍ଯ୍ୟବେକ୍ଷକ ଭାବେ ଯୋଗଦାନ କରି ନିର୍ବାଚ଼ନ କାର୍ଯ୍ୟ ପରିଚ଼ାଳନା କରିଥିଲେ । ତାଙ୍କୁ ଉପଦେଷ୍ଟା ଦଳ ପଶ୍ଚିମ ଓଡିଶା ପ୍ରାନ୍ତୀୟ ସଂପାଦକ ରମାକାନ୍ତ ବିଶ୍ୱାଳ, ରାଜ୍ୟ ଉପସଭାପତି ସୁଶାନ୍ତ ମହାପାତ୍ର, ବରିଷ୍ଠ ସାମ୍ବାଦିକ ସାଧବ ପ୍ରଧାନ, ସୁଧାଂଶୁ ଶେଖର ମହାରଣା, ଅଶୋକ ଗୁରୁ ପ୍ରମୁଖ ସହଯୋଗ କରିଥିଲେ । ଏହି ପରିପ୍ରେକ୍ଷୀରେ ସଂଗଠନ ପକ୍ଷରୁ ଆଗାମୀ ଦିନରେ ବିଭିନ୍ନ ଜନକଲ୍ୟାଣକାରୀ ସାମାଜିକ କାର୍ଯ୍ୟକ୍ରମ, ସାମ୍ବାଦିକଙ୍କ ସାମୁହିକ ବିକାଶ ପାଇଁ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ନିମନ୍ତେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ପାଇଁ ସଂଘ ପକ୍ଷରୁ ନିରବଚ୍ଛିନ୍ନ ଭାବରେ ଉଦ୍ୟମ ଜାରି ରହିବ ବୋଲି ନବନିର୍ବାଚ଼ିତ ସଭାପତି ହିମାଂଶୁ ଶେଖର ମିଶ୍ର ତାଙ୍କ ଅଭିଭାଷଣରେ ପ୍ରକାଶ କରିଥିଲେ ।

ସାଧାରଣ ପରିଷଦ ବୈଠକ ପ୍ରାରମ୍ଭରେ ମା' ସମଲେଶ୍ୱରୀଙ୍କ ଠାରେ ଦୀପ ପ୍ରଜ୍ୱଳନ ଏବଂ ଓଡିଶା ସାମ୍ବାଦିକ ସଂଘର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ପ୍ରଭାତ ଦାଶଙ୍କ ଫଟୋ ଚ଼ିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଏହାପରେ ସାଧାରଣ ସମ୍ପାଦକ ସରୋଜ ସାହୁ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ । ସାଧାରଣ ପରିଷଦ ସଭାରେ ସାମ୍ବାଦିକ ମାନଙ୍କ ହିତ ଦୃଷ୍ଟିରୁ ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚ଼ନା କରାଯାଇଥିଲା ।

## ଆମ୍ବେଦକରଙ୍କ ପ୍ରତି ଗୃହମନ୍ତ୍ରୀଙ୍କ ଅପମାନସୂଚକ ମନ୍ତବ୍ୟ






କେନ୍ଦ୍ରାପଡ଼ା, (ପି.ଏନ): ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ପ୍ରତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଅପମାନ ସୂଚକ ମନ୍ତବ୍ୟ ପ୍ରତିବାଦରେ କେନ୍ଦ୍ରାପଡା ଜିଲ୍ଲା ଆମ୍ ଆଦମୀ ପାର୍ଟି ପକ୍ଷରୁ ସରକାରୀ ହାଇସ୍କୁଲ ଛକସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ତଳେ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ପବିତ୍ର ସଂସଦ ପରିସରରେ ଭାରତର ସମ୍ବିଧାନ ପ୍ରଣେତା ଡ. ଭୀମ ରାଓ ଆମ୍ବେଦକରଙ୍କ ଉଦେଶ୍ୟରେ ଗୃହମନ୍ତ୍ରୀ ଅମିତ ଶାହାଙ୍କର ଆଶାଳୀନ ଓ ଅପମାନ ଜନକ ଟିପ୍ପଣୀ କୋଟି କୋଟି ଭାରତୀୟଙ୍କ ଭାବାବେଗକୁ କୁଠାରଘାତ କରିଛି । ସଂସଦରେ ଶୀତକାଳୀନ ଅଧିବେସନ ଚାଲିଥିବା ବେଳେ ସଂସଦୀୟ ମର୍ଯ୍ୟାଦା ଓ ଶୃଙ୍ଖଳା ଆବଦ୍ଧରେ ରହି ବିରୋଧୀ ଦଳର ଅନେକ ସାଂସଦ କେନ୍ଦ୍ର ସରକାରଙ୍କ ସମ୍ବିଧାନ ବିରୋଧୀ କାର୍ଯ୍ୟକଳାପର ଦୃଢ ପ୍ରତିବାଦ କରିବା ଅବସରରେ ବାବା ସାହେବ ଆମ୍ବେଦକରଙ୍କ ନାମ ବାରମ୍ବାର ଉଚ୍ଚାରଣ କରିବାର ଦେଖାଯାଇଥିଲା । କେନ୍ଦ୍ର ସରକାର ବିରୋଧୀ ଦଳର ସାଂସଦମାନଙ୍କର ଅଭିବ୍ୟକ୍ତିକୁ ସମ୍ମାନ ଜଣାଇବା ପରିବର୍ତ୍ତେ ଖୋଦ ସରକାରଙ୍କ ପ୍ରତିନିଧି ଗୃହମନ୍ତ୍ରୀ ଅମିତ ଶାହା ବାବାସାହେବଙ୍କ ନାମକୁ ଅତି ତାଚ୍ଛଲ୍ୟପୂର୍ଣ୍ଣ ଭଙ୍ଗୀରେ ଅପମାନ ଜନକ ଭାବେ ବ୍ୟବହାର କରିଥିବାରୁ ତାଙ୍କର ଏଭଳି ଅଶୋଭନୀୟ ଟିପ୍ପଣୀ ବିଜେପି ନେତୃତ୍ୱାଧୀନ ସରକାରଙ୍କ ସମ୍ବିଧାନ ବିରୋଧୀ ମାନସିକତାକୁ ପଦାରେ ପକାଇଛି । ଗୃହମନ୍ତ୍ରୀଙ୍କ ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ଦେଶବାସୀଙ୍କୁ ଦାରୁଣ ଆଘାତ ପ୍ରଦାନ କରିଛି । ତେଣୁ ଏହାର ପ୍ରତିବାଦରେ ଆମ୍ ଆଦମୀ ପାର୍ଟି ପକ୍ଷରୁ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ତଳେ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟୀ କଲେକ୍ଟର ରମେଶ ଚନ୍ଦ୍ର ପଣ୍ଡାଙ୍କୁ ପ୍ରଦାନ କରାଯାଇଛି । ବିକ୍ଷୋଭ ପ୍ରଦର୍ଶନରେ ଓ ଦାବିପତ୍ର ପ୍ରଦାନ ସମୟରେ ଆମ ଆଦମୀ ପାର୍ଟିର ଜିଲ୍ଲା ସଭାପତି ତଥା ରାଜ୍ୟ ସଂଗଠନ ସମ୍ପାଦକ ସନ୍ଦୀପ ଦାସ, ସୂର୍ଯ୍ୟକାନ୍ତ ପରିଡା, ମହମ୍ମଦ ଜାକିର ରହେମନ, ଏମ.ଏ. ସାହିଲ ଫଇଜଲ, ରାକେଶ କୁମାର ରାଉତ, ଫହିମା ବେଗମ, ଜହିଦୂର ରହେମାନ, ରୁଦ୍ର ନାରାୟଣ ବେହେରା, ପ୍ରକାଶ କୁମାର ସେଠୀ, କୁମୁଦ କୁମାର ରାଉତ, ସୁହାନା ବିବି, ଅନୁସୂୟା ସେଠୀ, ଲାଜମୁନ ବିବି, ସୌମ୍ୟକାନ୍ତ ପରିଡା, ସାଗରିକା ଦାସ, ମହମ୍ମଦ ଇସମାଇଲ୍ ପ୍ରମୁଖ ଉପସ୍ଥିତ ଥିଲେ ।

## ଟେରାକୋଟା ସଂପର୍କିତ ପୁସ୍ତକ 'ଆର୍ଥେନ ଆଫାୟାର୍ସ' ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ

ଭୁବନେଶ୍ୱର, (ପି.ଏନ): ଅବସରପ୍ରାପ୍ତ ପ୍ରଶାସକ, ବିଶିଷ୍ଟ ଲେଖକ-ତଥା-ଗବେଷକ ରାଜା ପରିଜାଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଆର୍ଥେନ ଆଫାୟାର୍ସ' ଚଳିତ ଡିସେମ୍ବର ୨୦ ତାରିଖ ଶୁକ୍ରବାର ଦିନ ରାଜଭବନଠାରେ ରାଜ୍ୟପାଳ ରଘୁବର ଦାସଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି ।ଏହି ପୁସ୍ତକରେ ଟେରାକୋଟା ସଂପର୍କିତ ଇତିହାସ, ଐତିହ୍ୟ, ପରଂପରା ଓ ବର୍ତ୍ତମାନର ସ୍ଥିତି ସଂପର୍କରେ ଅନେକ ତଥ୍ୟ ଫଟୋ ସହ ସନ୍ନିବେଶିତ ହୋଇଛି । ପ୍ରାଚୀନ ସଭ୍ୟତାରୁ ଏପର୍ଯ୍ୟ' ମାଟି ସହିତ ଆମ ସମାଜ ଓ ସଂସ୍କୃତି କିପରି ଜଡ଼ିତ ହୋଇ ରହିଛି ଲେଖକ ଶ୍ରୀ ରାଜା ପରିଜା ଉକ୍ତ ପୁସ୍ତକରେ ପରିସ୍ଫୁଟନ କରିଛନ୍ତି । ଶ୍ରୀ ଜଗନ୍ନାଥ ସଂସ୍କୃତିରେ ଟେରାକୋଟା, ମନୁଷ୍ୟର ନିତିଦିନିଆ ଜୀବନଚର୍ଯ୍ୟା, ପୂଜା ପାର୍ବଣରେ ମାଟିରୁ ନିର୍ମିତ ଟେରାକୋଟା ସାମଗ୍ରୀ କିପରି ଅପରିହାର୍ଯ୍ୟ ହୋଇ ରହିଛି ତାହା ପୁସ୍ତକରେ ଅବତାରଣା କରାଯାଇଛି । ବିଶେଷତଃ ମହାପ୍ରସାଦ ନିମନ୍ତେ କୁଡୁଆର ବ୍ୟବହାର, ଶ୍ରୀ ମନ୍ଦିର ନୀତିକାନ୍ତିରେ ମାଟି ନିର୍ମିତ ସାମଗ୍ରୀର ବ୍ୟବହାର, ଘର କରଣା ଏବଂ ସାଜସଜ୍ଜାରେ ମାଟି ନିର୍ମିତ ସାମଗ୍ରୀର ବହୁଳ ବ୍ୟବହାର ସଂପର୍କିତ ତଥ୍ୟ ଲେଖକ ଶ୍ରୀ ପରିଜା ଉକ୍ତ ପୁସ୍ତକରେ ସୁନ୍ଦର ଭାବେ ଚିତ୍ରଣ କରିଛନ୍ତି ।

## ରାୟଗଡା ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ତରଫରୁ ରାହୁଲ ଗାନ୍ଧୀଙ୍କୁ କଡା ଶବ୍ଦରେ ନିନ୍ଦା



ରାୟଗଡ଼ା ,(ପି.ଏନ): କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଦାୟିତ୍ୱହୀନ ଓ ଅନ୍ୟତିକ ଆଚ଼ରଣ କାରଣରୁ ଗୁରୁତର ଭାବେ ଆହତ ହୋଇଥିବା ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ତଥା ବାଲେଶ୍ୱର ସାଂସଦ ଶ୍ରୀ ପ୍ରତାପ ଷଡଙ୍ଗୀ ଚ଼ିକିତ୍ସାଧୀନ ଅବସ୍ଥାରେ ରାମ ମନୋହର ଲୋହିଆ ହସପିଟାଲରେ ଭର୍ତ୍ତି ହୋଇଛନ୍ତି । ସେ ଶୀଘ୍ର ଆରୋଗ୍ୟ ଲାଭ କରନ୍ତୁ ବୋଲି ମାଁ ମଝିଘରିଆଣୀ ଙ୍କ ନିକଟରେ ପ୍ରାର୍ଥନା କରି,ରାହୁଲ ଗାନ୍ଧୀଙ୍କ ଅତ୍ୟନ୍ତ ଅଶାଳୀନ ବ୍ୟବହାରକୁ ବିଜେପି ଯୁବ ମୋର୍ଚ୍ଚା ରାୟଗଡ଼ା କଡା ଶବ୍ଦରେ ନିନ୍ଦା କରି କପିଳାସ ଛକ ଠାରେ କୁଶ ପୁତ୍ତଳିକା ଦାହ କରିଛନ୍ତି ।

## ପ୍ରଖ୍ୟାତ ହିନ୍ଦୁସ୍ତାନୀ ଭାଓଲିନ୍ ବାଦିକା ଡ଼ଃ ସ୍ୱର୍ଣ୍ଣ ଖୁଣ୍ଟିଆଙ୍କ ବାର୍ଷିକ ଉତ୍ସବ




ଭୁବନେଶ୍ୱର,(ପି.ଏନ): ଭାରତର ଅନ୍ୟତମ ଶ୍ରେଷ୍ଠ ତଥା ପ୍ରଖ୍ୟାତ ହିନ୍ଦୁସ୍ତାନୀ ଭାଓଲିନ୍ ବାଦିକା ଡ଼ଃ ସ୍ୱର୍ଣ୍ଣ ଖୁଣ୍ଟିଆ (ପୂର୍ବତନ ଅଧାପିକା ଭାୟଲିନ୍, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ) ଙ୍କ ସ୍ମୃତିରେ ଭୁବନେଶ୍ୱରର ବିଶିଷ୍ଟ ସାଂସ୍କୃତିକ ଅନୁଷ୍ଠାନ କଳା କ୍ଷେତ୍ର ଏହାର ବାର୍ଷିକ ଶାସ୍ତ୍ରୀୟ ସଙ୍ଗୀତ କନସର୍ଟ 'SWAR SUDHA' ସୁବିଦିତ ରବୀନ୍ଦ୍ର ମଣ୍ଡପରେ ୨୨ ଡିସେମ୍ବର ୨୦୨୪ , ରବିବାର ୫.୩୦ ରେ ଆୟୋଜନ କରିବାକୁ ଯାଉଛି । ବିଶ୍ୱ ପ୍ରସିଦ୍ଧ ସଙ୍ଗୀତଜ୍ଞ ତଥା ଖ୍ୟାତନାମା ମାଷ୍ଟର ଡ଼ଃ ସଂଗୀତା ଶଙ୍କର (ସେଣ୍ଟ୍ରାଲ ସଂଗୀତ ନାଟକ ପୁରସ୍କାର ପ୍ରାପ୍ତ) ଙ୍କର ଏକ ବିରଳ ସଙ୍ଗୀତ ପରିବେଷଣଦ୍ୱାରା ଏହି କନ୍‌ସର୍ଟ ଟି ଆୟୋଜିତ ହେବାକୁ ଯାଉଛି । ଡ଼ଃ ସଂଗୀତା ଶଙ୍କର ; ଖ୍ୟାତନାମା ପଦ୍ମଭୂଷଣ ଡକ୍ଟର ଏନ୍ ରାଜାମଙ୍କ ଝିଅ ତଥା ପଦ୍ମଭୂଷଣ ପ୍ରଫେସର ଟି ଏନ୍ କୃଷ୍ଣନ ଙ୍କର ଝିଆରୀ ଯିଏ କି ଏକ ସଙ୍ଗୀତ ପରିବାରର ସପ୍ତମ ପିଢ଼ିର ସଂଗୀତଜ୍ଞ ଅଟନ୍ତି । ଡ଼ଃ ସଂଗୀତା ଶଙ୍କର ଜଣେ 'ଗାୟିକି ଅଙ୍ଗ' ଭାଓଲିନ୍ ବାଦିକା । ଏହା ବାଦ୍ୟରେ ଏପରି ଏକ ଶୈଳ ଯେଉଁଥିରେ ମନୁଷ୍ୟର ସମସ୍ତ ଭାବପ୍ରବଣତାକୁ ସଙ୍ଗୀତ ମାଧ୍ୟମରେ ବ୍ୟକ୍ତ କରିଥାଏ । ଏତଦ୍ ବ୍ୟତୀତ ଡ଼ଃ ଶଙ୍କର ତାଙ୍କର ଯାଦୁକରୀ ଆଙ୍ଗୁଠି ସ୍ପର୍ଶରେ ଭାଓଲିନ୍ ଦ୍ୱାରା ଏକ ଈଶ୍ୱରୀୟ ଏବଂ ଉତ୍କୃଷ୍ଟ ସଙ୍ଗୀତର ବାତାବରଣ ସୃଷ୍ଟି କରିବାରେ ସିଦ୍ଧହସ୍ତା ।ସ୍ୱର ସୁଧାର ଅନ୍ୟତମ ମୁଖ୍ୟ ଆକର୍ଷଣ ହେଉଛନ୍ତି ଓଡିଶାର ଗର୍ବ ,ଗୌରବ ଏବଂ ତବଲା ବାଦକ ବିଶିଷ୍ଟ ଗୁରୁ ପଣ୍ଡିତ ହରମୋହନ ଖୁଣ୍ଟିଆଙ୍କ ଏକକ ତବଲା ବାଦନ ଯାହା ସମସ୍ତ ଓଡ଼ିଶାବାସୀଙ୍କ ପାଇଁ ବହୁ ପ୍ରତିକ୍ଷିତ ସଂଗୀତ କାର୍ଯ୍ୟକ୍ରମ ଏଇ କନସର୍ଟ ଅନ୍ତର୍ଗତ ଅଟେ । ସଙ୍ଗୀତ କନସର୍ଟ ଆରମ୍ଭରେ ସେହି ମହାନ ତବଲା ବାଦକଙ୍କର ନୂତନ ପୁସ୍ତକ "ଓଡ଼ିଶୀ ଶାସ୍ତ୍ରୀୟ ସଂଗୀତ ସରଣୀ" ଉନ୍‌ମୋଚ଼ିତ ହେବ ।ଉକ୍ତ କାର୍ଯ୍ୟକ୍ରମର ଅନ୍ୟ ଏକ ଲୋଭନୀୟ ପ୍ରମୁଖ ଆକର୍ଷଣ ହେଉଛି ଭାରତର ଜଣେ ଉଦୀୟମାନ ପ୍ରସିଦ୍ଧି ପ୍ରାପ୍ତ ତଥା ଯୁବ ବଂଶୀବାଦକ ଯିଏ କି ପ୍ରତିଷ୍ଠିତ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇ ଆଇ ଟି, ଦିଲ୍ଲୀ) ର ଜଣେ ଛାତ୍ର ; ଶ୍ରୀ ଶୁଭ୍ରକାନ୍ତ ସାହୁଙ୍କ ଦ୍ୱାରା ମଧୁର ବଂଶୀ ବାଦନ ।ବହୁ ଖ୍ୟାତିସମ୍ପନ୍ନ ବ୍ୟକ୍ତିତ୍ୱ, ସଙ୍ଗୀତକାର, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିବୃନ୍ଦ, ଛାତ୍ର, ସଙ୍ଗୀତପ୍ରେମୀ, ଅଧିକାରୀ ଏବଂ ଅନ୍ୟମାନେ ଏହି ସମ୍ମିଳନୀରେ ଅଂଶଗ୍ରହଣ କରୁଛନ୍ତି । ଏଣୁ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଲୋକ ଯୋଗଦେବେ ବୋଲି ଆଶା କରାଯାଉଛି । କନସର୍ଟର ସଂଯୋଜକ ପ୍ରଫେସର ଡ଼ଃ ବସନ୍ତ ସାହୁ ଗଣମାଧ୍ୟମକୁ ସୂଚ଼ନା ଦେଇଛନ୍ତି ଯେ ବାର୍ଷିକ ସଂଗୀତ କନସର୍ଟ ଝଡଇଜ ଝଟଉଐଇ ହେଉଛି ଏକ ପ୍ରତିଷ୍ଠିତ ଶାସ୍ତ୍ରୀୟ ସଙ୍ଗୀତ କନସର୍ଟ ଯାହାକି ଦିଲ୍ଲୀ, ଭୁବନେଶ୍ୱର, କଟକ ଏବଂ ଅନ୍ୟାନ୍ୟ ସ୍ଥାନରେ ଶାସ୍ତ୍ରୀୟ ତଥା ଓଡ଼ିଶୀ ସଙ୍ଗୀତକୁ ପ୍ରୋତ୍ସାହିତ କରିବା ପାଇଁ କଳିଙ୍ଗ କଳା କ୍ଷେତ୍ର ଦ୍ୱାରା ନିୟମିତ ଆୟୋଜିତ ହୋଇଥାଏ । ଏହି ସୁନ୍ଦର କାର୍ଯ୍ୟକ୍ରମଟି ସମଗ୍ର ଯୁବ ସମାଜଙ୍କୁ କଳା ପ୍ରତି ପ୍ରୋତ୍ସାହିତ ହୋଇ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିବ ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray